RNI No.ODIODI/2010/33031
୧୬ ବର୍ଷ Volume-16
ISSUE -251 ସଂଖ୍ୟା-୨୫୧
ଭୁବନେଶ୍ୱର, ଶନିବାର ୨୦ ଡିସେମ୍ବର ୨୦୨୫
Bhubaneswar,Saturday 20 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଅଶାନ୍ତ ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ନିର୍ମମ ହତ୍ୟା



ନୂଆଦିଲ୍ଲୀ, ୧୯/୧୨ : ଭଙ୍ଗାରୁଜା ସହ ପୋଡ଼ାଜଳା । ପଥରମାଡ ସହ ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ବିକ୍ଷୋଭକାରୀ । ଯିଏ ଦେଖୁଛୁ ସେ କହୁଛି ବାଂଲାଦେଶରେ ଏ କଣ ଚାଲିଛି ଦେଶରେ ହିଂସାର ନିଆଁ ଜଳୁଛି । ଢାକା ସମେତ ଅନେକ ସହରରେ ପୋଡ଼ାଜଳା, ଭଙ୍ଗାରୁଜା ଏବଂ ଆକ୍ରମଣ କରିଛନ୍ତି ପ୍ରଦର୍ଶନକାରୀ । ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୋଧୀ ଉସମାନ ହାଦୀଙ୍କ ହତ୍ୟା ପରେ ଜଳୁଛି ଭାରତର ପଡ଼ୋଶୀ ଦେଶ ବାଂଲାଦେଶ । ଏବେ ଅଶାନ୍ତ ବାଂଲାରେ ମୈମନସିଂ ଜିଲ୍ଲାରେ ଜଣେ ହିନ୍ଦୁ ଯୁବକଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯାଇଥିବା ଖବର ସାମ୍ନାକୁ ଆସିଛି । ପ୍ରଥମେ ତାଙ୍କୁ ପିଟି ପିଟି ହତ୍ୟା କରାଯାଇଥିଲା । ଏହାପରେ ମୃତଦେହକୁ ଗଛରେ ଟଙ୍ଗି ନିଆଁ ଲଗାଇ ଦେଇଛନ୍ତି ପ୍ରଦର୍ଶନକାରୀ । ୩୦ ବର୍ଷୀୟ ଦୀପୁ ଚନ୍ଦ୍ର ଦାସ ନାମକ ଜଣେ ହିନ୍ଦୁ ଯୁବକଙ୍କୁ ପିଟି ପିଟି ହତ୍ୟା କରିଯାଇଛି ।ଘଟଣାକୁ ନିନ୍ଦା କରିବା ସହିତ ଉସମାନ ହାଦୀକୁ ସମ୍ମାନ କର ହିଂସା ନୁହେଁ ବୋଲି କହିଛନ୍ତି ବାଂଲାଦେଶ ଅନ୍ତରୀଣ ସରକାର ।

କପଡ଼ା କାରଖାନାରେ କାମ କରୁଥିଲେ ଦୀପୁ- ସୂଚନା ମୁତାବକ, ମୃତକ ଦୀପୁ ଚନ୍ଦ୍ର ଦାସ ଭାଲୁକା ଉପକଣ୍ଠ ଦୁବାଲିଆ ପାରା ଅଞ୍ଚଳରେ ଭଡ଼ାରେ ରହୁଥିଲେ । ଘର ଚଳାଇବା ପାଇଁ ସେ କପଡ଼ା କାରଖାନାରେ କାମ କରୁଥିଲେ । ଉତ୍ତ୍ୟକ୍ତ ଜନତା ଦୀପୁ ଚନ୍ଦ୍ରଙ୍କୁ ପିଟି ପିଟି ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ଏକ ଗଛରେ ବାନ୍ଧି ନିଆଁ ଲଗାଇ ଦେଇଥିଲେ ।

ଏହାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ବାଂଲା ଅନ୍ତରୀଣ ସରକାର ମହମ୍ମଦ ୟୁନୁଶ । ଘଟଣାକୁ ନିନ୍ଦା କରିବା ସହିତ ଏପରି ହିଂସାର କୌଣସି ସ୍ଥାନ ନାହିଁ ବୋଲି କହିଛନ୍ତି । ମୈମନସିଂରେ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ପିଟି ପିଟି ହତ୍ୟା କରାଯିବା ଘଟଣାର ନିନ୍ଦା କରୁଛୁ । ଏହି ନୃଶଂସ ଅପରାଧରେ ସମ୍ପୃକ୍ତ କାହାକୁ ଛଡା ଯିବ ନାହିଁ ବୋଲି ଏକ ବିବୃତ୍ତିରେ କୁହାଯାଇଛି ।

ବାଂଲାଦେଶ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ କ୍ଷମତା ବିରୋଧରେ ଆନ୍ଦୋଳନରେ ପ୍ରମୁଖ ଭୂମିକା ତୁଲାଇଥିଲେ ଉସମାନ୍ ହାଦୀ । ୨୦୨୪ ଜୁଲାଇ- ଅଗଷ୍ଟ ବିଦ୍ରୋହରେ ପ୍ରମୁଖ ଭୂମିକା ତୁଲାଇଥିଲା ଉସମାନ୍ ହାଦୀ । ଯାହା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଆବାମୀ ଲିଗ୍ ସରକାରଙ୍କ ପତନ କରାଇଥିଲା ।ଏହା ସହିତ ଭାରତ ବିରୋଧୀ ନାରାବାଜି ଦେଇଥିବା ଉସମାନ୍ ହାଦୀଙ୍କର ମୃତ୍ୟୁ ପରେ ଅଶାନ୍ତ ହୋଇଛି ବାଂଲାଦେଶ । ସିଙ୍ଗାପୁରରେ ଇନକିଲାବ୍ ମଞ୍ଚର ସଂଯୋଜକ ଶରିଫଙ୍କ ମୃତ୍ୟୁ ପରେ ଗୁରୁବାର ରାତିରୁ ଢାକାରେ ନିଆଁ ଜଳୁଛି । ବିରୋଧ ପ୍ରଦର୍ଶନ ସହିତ ହିଂସା ଦେଖିବାକୁ ମିଳିଛି । ଦେଶର ବଡ଼ ବାଂଲା ଖବରକାଗଜ 'ପ୍ରଥମ ଆଲୋ' ଏବଂ ଡେଲି ଷ୍ଟାର କାର୍ଯ୍ୟାଳୟରେ ଭାଙ୍ଗାରୁଜା ସହ ନିଆଁ ଲଗାଇ ଦିଆଯାଇଛି । ଏହାବ୍ୟତୀୟ ପ୍ରଦର୍ଶନକାରୀ ରାଜଶାହୀରେ ଆୱାମୀ ଲିଗ୍ ଅଫିସରେ ନିଆଁ ଲଗାଇ ଦେଇଛନ୍ତି । ଆଜି ସନ୍ଧ୍ୟାରେ ଉସମାନଙ୍କ ମୃତଦେହ ସିଙ୍ଗାପୁରରୁ ବାଂଲାଦେଶରେ ପହଞ୍ଚିବ । ଦେଶରେ ଅଶାନ୍ତି ଭିତରେ ଜଣେ ହିନ୍ଦୁ ଯୁବକଙ୍କୁ ଅତି ନିର୍ମମ ଭାବରେ ହତ୍ୟା କରାଯାଇଛି ।

### ବାଲେଶ୍ୱର ଝିଅ ଅନୁପମା ପ୍ରଧାନ ହତ୍ୟା ମାମଲା

## ଆଜୀବନ କାରାଦଣ୍ଡ କାଏମ୍ ରଖିଲେ ଉତ୍ତରାଖଣ୍ଡ ହାଇକୋର୍ଟ

ନୂଆଦିଲ୍ଲୀ, ୧୯/୧୨: ଉତ୍ତରାଖଣ୍ଡ ହାଇକୋର୍ଟ ଗତ ଡିସେମ୍ବର ୧୭ରେ ଅନୁପମା ପ୍ରଧାନ ଗୁଲାଟିଙ୍କ ଜଘନ୍ୟ ହତ୍ୟା ମାମଲାରେ ତାଙ୍କ ସ୍ୱାମୀ ସଫ୍ଟୱେର ଇଞ୍ଜିନିୟର ରଜେଶ ଗୁଲାଟିଙ୍କ ଆଜୀବନ କାରାଦଣ୍ଡକୁ କାଏମ୍ ରଖିଛନ୍ତି । ରାଜେଶ ଗୁଲାଟି ୨୦୧୦ ଅକ୍ଟୋବର ୧୭ରେ ତାଙ୍କ ପତ୍ନୀ ଅନୁପମା ପ୍ରଧାନଙ୍କୁ ନିର୍ମମ ହତ୍ୟା କରି ତାଙ୍କ ଶରୀରକୁ ୭୨ ଖଣ୍ଡ କାଟି ତାଙ୍କ ଫ୍ରିଜ୍‌ରେ ରଖିଥିଲେ । ସେତେବେଳେ ଏହି ଘଟଣା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଅନୁପମାଙ୍କ ଘର ବାଲେଶ୍ୱର ଜିଲ୍ଲାରେ । ସେ ଦିଲ୍ଲୀରେ ପାଠ ପଢ଼ିଥିଲେ ଏବଂ ରାଜେଶ ଗୁଲାଟିଙ୍କୁ ପ୍ରେମ ବିବାହ କରିଥିଲେ ।



ଉତ୍ତରାଖଣ୍ଡର ଏକ ସ୍ଥାନୀୟ କୋର୍ଟ ୨୦୧୭ ସେପ୍ଟେମ୍ବର ପହିଲାରେ ରଜେଶ ଗୁଲାଟିଙ୍କୁ ଆଜୀବନ କାରାଦଣ୍ଡ ରାୟ ଦେଇଥିଲେ । ଗୁଲାଟି ଏହି ରାୟ ବିରୋଧରେ ଉତ୍ତରାଖଣ୍ଡ ହାଇକୋର୍ଟରେ ଆବେଦନ କରିଥିଲେ । ୧୯୯୯ରେ ଉଭୟଙ୍କର ପ୍ରେମ ବିବାହ ହେବା ପରେ ସେମାନେ ଆମେରିକାରେ ୨୦୦୮ ପର୍ଯ୍ୟନ୍ତ ରହିଥିଲେ । ପରେ ଉଭୟ ଭାରତ ଆସି ଡେରାଡୁନରେ ରହୁଥିଲେ । ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଉଭୟ ଏବେ ଆମେରିକାରେ ପଢୁଛନ୍ତି ।

୨୦୧୦ ଅକ୍ଟୋବର ୧୭ ରାତିରେ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା । ରାଜେଶ ତାଙ୍କୁ ଏକ ଚାପୁଡା ମାରିଥିଲେ । ଯାହାଫଳରେ ଅନୁପମାଙ୍କ ମୁଣ୍ଡ କାନ୍ଥରେ ବାଡେଇ ହୋଇଯାଇଥିଲା । ଅନୁପମା ତଳେ ପଡି ଅଚେତ୍ ହୋଇଯାଇଥିଲେ । ରାଜେଶ ଏଥିରେ ଡରିଯାଇ ତାଙ୍କୁ ହତ୍ୟା କରିଥିଲେ । ସେ ଏକ ଇଲେକ୍ଟ୍ରି କରତ ଆଣି ଅନୁପମାଙ୍କ ଶରୀରକୁ ଖଣ୍ଡଖଣ୍ଡ କରି ତାଙ୍କ ଫ୍ରିଜ୍‌ରେ ରଖିଥିଲେ । ତାହାପରେ ପ୍ରତ୍ୟେକ ଦିନ ପଲିଥିନ ବ୍ୟାଗରେ ତାଙ୍କ ଶରୀରର କିଛି ଅଂଶକୁ ନେଇ ବାହାରେ ଫୋପାଡିଥିଲେ ।

ଅନୁପମାଙ୍କ ଭାଇ ସୁଜନ କୁମାର ପ୍ରଧାନ ୨୦୧୦ ଡିସେମ୍ବର ୧୨ରେ ଡେରାଡୁନ ଆସି ତାଙ୍କ ଭଉଣୀଙ୍କୁ ନ ଦେଖି ତାଙ୍କ ବିଷୟରେ ରାଜେଶଙ୍କ ଠାରୁ ଜାଣିବାକୁ ଚାହିଁବାରୁ ସେ ଏହାର ସଠିକ୍ ଜବାବ ଦେଇପାରିନଥିଲେ । ପରେ ସୁଜନ ଡେରାଡୁନ୍ର ଏକ ପୋଲିସ ଷ୍ଟେସନରେ ଏକ ମାମଲା ରୁଜୁ କରିଥିଲେ । ମାମଲାର ତଦନ୍ତ ହେବା ପରେ ରାଜେଶ ଏଥିରେ ସଂପୃକ୍ତ ଥିବା ପ୍ରମାଣ ମିଳିଥିଲା । ଫଳରେ ପୁଲିସ ତାଙ୍କୁ ଗିରଫ କରିଥିଲା । ସୁଜନଙ୍କ ପକ୍ଷରୁ ତାଙ୍କ ସାଙ୍ଗ ସୁପ୍ରିମକୋର୍ଟର ଓକିଲ ସଞ୍ଜିବ କୁମାର ମହାନ୍ତି ଏହି ମାମଲା ଲଢୁଥିଲେ ।

## ତହସିଲଦାରଙ୍କୁ ପୁରୁଣା ଜମି କାଗଜପତ୍ର ମ୍ୟୁଟେସନ୍ କ୍ଷମତା

ଭୁବନେଶ୍ୱର, ୧୯।୧୨(ନି.ପ୍ର.): ଜମିଜମା ସମ୍ବନ୍ଧୀୟ ଦୀର୍ଘ ଦିନର ମାମଲାକୁ ହ୍ରାସ କରିବା ପାଇଁ ଓଡ଼ିଶା ରାଜସ୍ୱ ବିଭାଗ ଏକ ବଡ଼ ପ୍ରଶାସନିକ ସଂସ୍କାର ଆଣିଛି । ପୁରୁଣା ପଞ୍ଜୀକୃତ ବିକ୍ରୟ ଦଲିଲ୍ ଆଧାରରେ ଜମିର ମ୍ୟୁଟେସନ୍ (ସ୍ୱତ୍ୱାନ୍ତର)କୁ ଅନୁମୋଦନ କରିବା ପାଇଁ ତହସିଲଦାରମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି ।

ଗୁରୁବାର ରାଜସ୍ୱ ବିଭାଗ ଓଡ଼ିଶା ସର୍ଭେ ଏବଂ ବନ୍ଦୋବସ୍ତ (ସଂଶୋଧନ) ନିୟମାବଳୀ, ୨୦୨୫ ଅନୁଯାୟୀ ଏକ ବିସ୍ତୃତ 'ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର' (ଝଓଚ) ଜାରି କରିଛି । ଏହି ପଦକ୍ଷେପ ଫଳରେ ଜମି ମାଲିକମାନେ ରେଭିନ୍ୟୁ କୋର୍ଟ କିମ୍ବା ରାଜସ୍ୱ ବୋର୍ଡକୁ ନ ଯାଇ ସିଧାସଳଖ ତହସିଲ କାର୍ଯ୍ୟାଳୟରେ ରେକର୍ଡ ସଂଶୋଧନ କରିପାରିବେ ।

ସଂଶୋଧିତ ନିୟମ ଅନୁଯାୟୀ, ଜମି ମାଲିକମାନେ ଏବେ ସିଧାସଳଖ ତହସିଲ କାର୍ଯ୍ୟାଳୟରେ ପୁରୁଣା ପଞ୍ଜୀକୃତ ବିକ୍ରୟ ଦଲିଲ୍ ଦାଖଲ କରି ରେକର୍ଡ ସଂଶୋଧନ ଏବଂ ମ୍ୟୁଟେସନ୍ ପାଇଁ ଆବେଦନ କରିପାରିବେ । ତହସିଲଦାରମାନେ ଏସବୁ ମାମଲାର ଶୁଣାଣି କରିବା ଏବଂ ସ୍ୱାଧୀନ ଭାବରେ ଆଦେଶ ପାରିତ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛନ୍ତି ।

ଝଓଚ ଅନୁଯାୟୀ, ରାଜ୍ୟର ବିଭିନ୍ନ ରେଭିନ୍ୟୁ କୋର୍ଟରେ ପଡ଼ି ରହିଥିବା ପ୍ରାୟ ୧.୧୫ ଲକ୍ଷ ମ୍ୟୁଟେସନ୍ ସମ୍ବନ୍ଧୀୟ ମାମଲା ସମ୍ପୃକ୍ତ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯିବ । ଏହି ସମସ୍ତ ମାମଲାର ହସ୍ତାନ୍ତର ଏବଂ ଡିଜିଟାଲାଇଜେସନ୍ ପ୍ରକ୍ରିୟା ଜାନୁଆରୀ ୩୧, ୨୦୨୬ ସୁଦ୍ଧା ଶେଷ କରିବାକୁ ରାଜସ୍ୱ ବିଭାଗ ସମୟସୀମା ଧାର୍ଯ୍ୟ କରିଛି ।

ଆବେଦନକାରୀମାନେ ରାଜସ୍ୱ ବିଭାଗର ଅନ୍‌ଲାଇନ୍ ପୋର୍ଟାଲ୍ ମାଧ୍ୟମରେ ପୁରୁଣା ବିକ୍ରୟ ଦଲିଲ୍ ଅପଲୋଡ୍ କରି ଆବେଦନ କରିବେ । ପରେ ତହସିଲଦାର ରେକର୍ଡ କିପରଙ୍କ ଜରିଆରେ କାଗଜପତ୍ରର ଯାଞ୍ଚ କରିବା ସହ ରାଜସ୍ୱ ନିରୀକ୍ଷକଙ୍କଠାରୁ ଜମିର କ୍ଷେତ୍ର ଅଧିଗ୍ରହଣ ରିପୋର୍ଟ ମାଗିବେ ।

ଯେଉଁ ମାମଲାଗୁଡ଼ିକର ଶୁଣାଣି ଶେଷ ହୋଇ କେବଳ ରାୟ ସଂରକ୍ଷିତ ରଖାଯାଇଛି, ସେଗୁଡ଼ିକ କୋର୍ଟରେ ରହିବ ଏବଂ ଏହି ମାମଲାଗୁଡ଼ିକର ଚୂଡ଼ାନ୍ତ ଆଦେଶ ଚଳିତ ମାସ ୩୧ ତାରିଖ ସୁଦ୍ଧା ଶୁଣାଇବାକୁ କୋର୍ଟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ସିରିଜ୍ ଦୁର୍ଘଟଣା

### ୮ ବାଇକ୍ ଓ ୩ ଭ୍ୟାନ୍ ଉପରେ ଚଢ଼ିଗଲା ବ୍ରେକ୍ ଫେଲ୍ ଆଇଚର୍

କୋରାପୁଟ, ୧୯/୧୨ : କୋରାପୁଟ ସହରରେ ସିରିଜ୍ ଦୁର୍ଘଟଣା । ଏକାଧିକ ଗାଡି ଉପରେ ଚଢ଼ିଗଲା ବ୍ରେକ୍ ଫେଲ୍ ଆଇଚର୍ । ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏହି ସିରିଜ୍ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ଡ୍ରାଇଭର୍ ଆହତ ହୋଇଛନ୍ତି । ଆଜି ରାଜସ୍ୱ ମନ୍ତ୍ରୀ



ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦୁର୍ଘଟଣାସ୍ଥଳରୁ ଗାଡି ଗୁଡିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଛି । ସୂଚନାନୁଯାୟୀ, ଶୁକ୍ରବାର ମଧ୍ୟାହ୍ନ ସମୟରେ କୋରାପୁଟ ମୁଖ୍ୟ ରାସ୍ତାରେ ଏକ ସିରିଜ୍ ଦୁର୍ଘଟଣା ଘଟିଛି । ଏକ ଆଇଚର୍ ଗାଡି ବ୍ରେକ୍ ଫେଲ୍ ହେବାରୁ ଆରଟିଓ ଅଫିସ୍ ଗଡଣିରେ ଏଚ୍‌ଡିଏଫସି ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଆଦି ସାମ୍ନାରେ ରହିଥିବା ୮ଟି ବାଇକ୍, ୨ ସ୍କୁଟିକୁ ଚୁନା କରିବା ସହ ଗୋଟିଏ ବ୍ୟାଙ୍କ ଏଟିଏମ ଟଙ୍କା ଜମା ଗାଡ଼ି ଓ ଗୋଟିଏ ଟାଟାଏସିକୁ ଧକ୍କା ଦେଇଥିଲା । ଖବର ପାଇ କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳ ପହଞ୍ଚି ବ୍ୟାଙ୍କ ଗାଡ଼ିରୁ ଦେଢ଼ କୋଟି ଟଙ୍କା ସ୍ଥାନାନ୍ତର କରିଛନ୍ତି ।

ଘଟଣା ସ୍ଥଳରେ କୋରାପୁଟ ଆଇଏଏସ୍ ପ୍ରୋବେସନାରୀ ସନ୍ତୋଷ ପାତ୍ର, ଏଏସପି ଅଭିଷେକ ମହାପାତ୍ର, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍, ତହସିଲଦାର ସୟିଦ ସବିର ସା, ପୁଲିସ ଓ ଫାୟାର ଟିମ୍ ସହ ପହଞ୍ଚି ଗାଡ଼ି ଗୁଡ଼ିକ ହଟାଇ ଥିଲେ । ଏଥିରେ ମିନି ଟ୍ରକର ଡ୍ରାଇଭର ଆହାତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆଜି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସେହି ବାଟ ଦେଇ ଯିବାର ଥିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଦୁର୍ଘଟଣାସ୍ଥଳରୁ ଗାଡି ଗୁଡିକୁ ହଟାଯାଇ ରାସ୍ତା ସ୍ୱାଭାବିକ କରାଯାଇଛି ।

## ସରିଲା ସଂସଦ

ନୂଆଦିଲ୍ଲୀ, ୧୯।୧୨(ନି.ପ୍ର): ସଂସଦର ଉଭୟ ଗୃହର କାର୍ଯ୍ୟ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି । ଏହା ସହିତ ଶୀତକାଳୀନ ଅଧିବେଶନର ସମାପ୍ତି ହୋଇଛି । ଏହି ଅଧିବେଶନ ଅବଧିରେ ରାଜ୍ୟସଭା ଓ ଲୋକସଭାର ଉତ୍ପାଦକତା କ୍ରମଶଃ ୧୨୧ ଏବଂ ୧୧୧ ପ୍ରତିଶତ ରହିଥିଲା । ରାଜ୍ୟସଭାର ସଭାପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଯେ ଏହି ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ବିଧାନୀୟ କାର୍ଯ୍ୟ ସମ୍ପନ୍ନ ହୋଇଛି । ଉଚ୍ଚ ସଦନର ସଭାପତି ଭାବେ ଏହା ରାଧାକୃଷ୍ଣନଙ୍କର ପ୍ରଥମ ଅଧିବେଶନ ଥିଲା ଏବଂ ସଦନର କାର୍ଯ୍ୟ ସଞ୍ଚାଳନରେ ସହଯୋଗ ପାଇଁ ସେ ଉପସଭାପତି ହରିବଂଶ, ସଦସ୍ୟମାନେ ଓ କର୍ମଚାରୀମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ ଏହି ସତ୍ରରେ ସଦନର କାର୍ଯ୍ୟ ଉତ୍ପାଦକତା ପ୍ରାୟ ୧୨୧ ପ୍ରତିଶତ ରହିଛି ।

ସେ କହିଛନ୍ତି ଯେ ୨୬୯ତମ ଅଧିବେଶନ କିଛି ଉଲ୍ଲେଖନୀୟ ସଫଳତା ପାଇଁ ବିଶିଷ୍ଟ ରହିଛି । ଏହି ଅଧିବେଶନରେ ଶୂନ୍ୟକାଳ ସୂଚନାର ସଂଖ୍ୟା ଅଭୂତପୂର୍ବ ଥିଲା, ଯେଉଁଥିରେ ପ୍ରତିଦିନ ହାରାହାରି ୮୪ରୁ ଅଧିକ ସୂଚନା ପ୍ରାପ୍ତ ହୋଇଥିଲା, ଯାହା ପୂର୍ବବର୍ତ୍ତୀ ଦୁଇଟି ଅଧିବେଶନ ତୁଳନାରେ ପ୍ରାୟ ୩୧ ପ୍ରତିଶତ ଅଧିକ । ଏହାସହ, ଶୂନ୍ୟକାଳରେ ପ୍ରକୃତରେ ଉଠାଯାଇଥିବା ବିଷୟଗୁଡ଼ିକର ସଂଖ୍ୟା ମଧ୍ୟ ପୂର୍ବ ମାନଦଣ୍ଡଠାରୁ କେତେକ ଅଧିକ ଥିଲା । ପ୍ରତିଦିନ ହାରାହାରି ୧୫ରୁ ଅଧିକ ବିଷୟ ଉଠାଯାଇଥିଲା, ଯାହା ପୂର୍ବବର୍ତ୍ତୀ ଦୁଇଟି ଅଧିବେଶନ ତୁଳନାରେ ପ୍ରାୟ ୫୦ ପ୍ରତିଶତ ଅଧିକ ।

## ବିଜେଡ଼ିର ବଡ଼ ଭୋଜି, ସାମ୍ବାଦିକଙ୍କୁ ଦେଖି ତାତିଲେ ରାଜେନ୍ଦ୍ର

ଭୁବନେଶ୍ୱର୧୯।୧୨(ନି.ପ୍ର.): ଭୋଜି ଓ ବନ୍ଧୁ ମିଳନ ନାଁରେ ବିଜୁ ଜନତା ଦଳ ବଡ଼ ମେଳି କରିଛି । ଦଳର ବହୁ ଆଗଧାଡ଼ିର ନେତାଙ୍କୁ ନେଇ ଭୁବନେଶ୍ୱର ଉପକଣ୍ଠରେ ଜମିଛି ଭୋଜିର ଆସର । ଆଜିଠାରୁ ନୂଆ ସମୀକରଣ ଆରମ୍ଭ ହେବ ବୋଲି କହିଛନ୍ତି ପ୍ରଭୁ ଜାନି ।

ବିଜୁ ଜନତା ଦଳ ପକ୍ଷରୁ ଆଜି ବଡ଼ ମେଳି ହୋଇଛି । ଭୁବନେଶ୍ୱର ଉପକଣ୍ଠ ଝୁମୁକାଠାରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ବିଜେଡ଼ିର ୫୦ରୁ ଅଧିକ ନେତା ଏକାଠି ଦେଖିବାକୁ ମିଳିଥିଲା । ଭୋଜିରେ ଦେବାଶିଷ ସାମନ୍ତରାୟ, ପ୍ରୀତିରଞ୍ଜନ ଘଡ଼ାଇ, ରାଜେନ୍ଦ୍ର ସାହୁ, ଚନ୍ଦ୍ରସାରଥୀ ବେହେରା, ସମ୍ବିତ ରାଉତରାୟ, ଲତିକା ପ୍ରଧାନ, ପ୍ରଭୁ ଜାନୀ, ସଞ୍ଜୟ ଦାସବର୍ମା ଓ ମହିଧର ରଣା ପ୍ରମୁଖ ଯୋଗ ଦେଇଥିଲେ ।

ସେଠାରେ ସାମ୍ବାଦିକଙ୍କୁ ଦେଖି ତାତି ଯାଇଥିଲେ ରାଜେନ୍ଦ୍ର ସାହୁ । ସାମ୍ବାଦିକମାନଙ୍କ ଉପରେ ବର୍ଷିଥିଲେ ରାଜେନ୍ଦ୍ର । ଏହା ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ । କୌଣସି ନକରାତ୍ମକ ଚର୍ଚ୍ଚା ନ କରିବାକୁ କହିଥିଲେ । ବନ୍ଧୁ ମିଳନ ହେଲା, ଆମର ନିଜର ଅଧିକାର ନାହିଁ କି ବୋଲି ପ୍ରଶ୍ନ କରିଥିଲେ । ରାଜନୀତିଆ ଲୋକ ବୋଲି କଣ ଛୁଆଁ ହୋଇଯାଇଛି । କାହିଁକି ଭୁଲ ଅର୍ଥରେ ନେଉଛ ବୋଲି କହିଥିଲେ । ବିଗତ ୧୬-୧୭ ମାସ ଭିତରେ ୮ ରୁ ୧୦ ଥର ଭୋଜି ଭାତ କରିଛୁ । ସବୁଥିରେ ସାମ୍ବାଦିକମାନେ ଆପତ୍ତି କରିଛନ୍ତି । ସାମ୍ବାଦିକଙ୍କୁ ସମ୍ମାନ ଦେବାରେ କୌଣସି ଅବହେଳା କରି ନାହୁଁ ବୋଲି କହିଥିଲେ ରାଜେନ୍ଦ୍ର । ସେହିପରି ସମ୍ବିତ ରାଉତରାୟ ରାଜନୀତି ଆଲୋଚନା ହୋଇନଥିବା କହି ସଫେଇ ଦେଇଥିଲେ । ସାହୁକାର ଠିଆ ହେଲେ ବେପାର କଥା ଆଲୋଚନା ହେବ, ସେହିପରି ରାଜନେତା ଏକାଠି ହେଲେ ରାଜନୀତି କଥା ଆଲୋଚନା ହେବ, ଏଥିରେ ବ୍ୟତିକ୍ରମ ନାହିଁ । କିନ୍ତୁ ଏଥିରେ କୌଣସି ରାଜନୈତିକ ଆଲୋଚନା ହୋଇ ନାହିଁ । ନିଜର ଚିତ୍ତ ବିନୋଦନ ପାଇଁ ଏସବୁ କରାଯାଇଛି । ନେତୃତ୍ୱ ବିଷୟରେ କୌଣସି ଆଲୋଚନା ହୋଇ ନାହିଁ ବୋଲି ।

## ଜେଲ୍ ଗଲେ ଅବସରପ୍ରାପ୍ତ ଅମିନ

### ଜମି ମାପଚୁପ ମାମଲାରେ ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ

ସୁବର୍ଣ୍ଣପୁର, ୧୯।୧୨: ଲାଞ୍ଚ ନେବା ମାମଲାରେ ଜେଲ୍ ଗଲେ ଅବସରପ୍ରାପ୍ତ ଅମିନ ଶ୍ରୀ ସାହୁ ମେହେର । ସୁବର୍ଣ୍ଣପୁର ଜିଲ୍ଲାର ତରଭା ତହସିଲ ଅଧୀନରେ କାର୍ଯ୍ୟରତ ଅବସରପ୍ରାପ୍ତ ଅମିନ ଶ୍ରୀ ସାହୁ ମେହେର ଲାଞ୍ଚ ନେବା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଶୁକ୍ରବାର ବଲାଙ୍ଗିର ଭିଜିଲାନ୍ସ ବିଶେଷ ଅଦାଲତ ତାଙ୍କୁ ଜମି ମାପଚୁପ (ଡିମାର୍କେସନ୍) କାମ ପାଇଁ ଲାଞ୍ଚ ନେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ ଶ୍ରୀ ମେହେରଙ୍କୁ ୪ ବର୍ଷ କଠୋର କାରାଦଣ୍ଡ ସହ ଜରିମାନା ଘୋଷଣା କରିଛନ୍ତି । ଯାହା ପରେ ତାଙ୍କୁ ତୁରନ୍ତ ଜେଲ୍‌କୁ ପଠାଯାଇଛି । ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ଦୋଷ ସାବ୍ୟସ୍ତ ହେବା ପରେ ଶ୍ରୀ ସାହୁ ମେହେରଙ୍କ ପେନସନ୍ ବନ୍ଦ କରିବା ପାଇଁ କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ପ୍ରସ୍ତାବ ପଠାଯିବ ବୋଲି ସୂଚନା ଦିଆଯାଇଛି ।

## ମନ୍ତ୍ରୀ ଜୁଏଲ ଓରାମଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ,/ଭୁବନେଶ୍ୱର, ୧୯।୧୨(ନି.ପ୍ର.): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଆଦିବାସୀ ସାଂସଦ ଓ ମନ୍ତ୍ରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି । ଦେଶର ଆଦିବାସୀ ସମୁଦାୟଙ୍କ ସମଗ୍ର ବିକାଶକୁ ତ୍ୱରିତ କରିବା ଏହି ବୈଠକର ଉଦ୍ଦେଶ୍ୟ । ଶ୍ରୀ ଓରାମ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ "ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ" ଭାବନା ଅନୁଯାୟୀ ଆଦିବାସୀ ଲୋକଙ୍କ ସମାବେଶ, ସଶକ୍ତିକରଣ ଓ ସମ୍ମାନ ନିଶ୍ଚିତ କରିବା ପାଇଁ ସମସ୍ତେ ଏକତ୍ର ହୋଇ କାମ କରୁଛନ୍ତି । ସେ କହିଛନ୍ତି, ଆଦିବାସୀ ସାଂସଦମାନେ କେବଳ ନୀତିନିୟମ ତିଆରିରେ ନୁହେଁ, ବରଂ ପ୍ରତ୍ୟେକ ଗାଁର ଲୋକମାନଙ୍କ ପାଖରେ ସରକାରୀ ଯୋଜନାଗୁଡ଼ିକ ପହଞ୍ଚିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି ।

## ଅଡୁଆରେ ମୋହନ ସରକାର: ତରବରିଆ ନିଷ୍ପତ୍ତି ବଢ଼ାଇଲା ଟେନସନ୍

ଭୁବନେଶ୍ୱର, ୧୯।୧୨(ନି.ପ୍ର.):ବିଧାନସଭାର ଶୀତକାଳୀନ ଅଧିବେଶନରେ ରାଜ୍ୟ ସରକାର ବିଧାୟକ, ମନ୍ତ୍ରୀ, ବାଚସ୍ପତି ଏବଂ ଉପବାଚସ୍ପତିଙ୍କ ଦରମା ବଢ଼ାଇବା ପାଇଁ ଯେଉଁ ବିଧେୟକ ଗୃହୀତ କରିଥିଲେ ତାହା ଏବେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ଡିସେମ୍ବର ୯ ତାରିଖରେ ଗୃହରେ ପାରିତ ହୋଇଥିବା ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମାତ୍ର ୯ଦିନ ନ ପୂରୁଣୁ ବିରୋଧୀଙ୍କ ପ୍ରବଳ ବିରୋଧ ପରେ ଏହା ଏବେ ପୁନର୍ବିଚାର ପାଇଁ ରହିଛି । ଏନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଗୁରୁବାର ଦୀର୍ଘସମୟ ଧରି ମାନସମନ୍ଥନ ହେବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗଣମାଧ୍ୟମ ଆଗରେ ଭାଜପା ବିଧାୟକଙ୍କ ମତ ରଖିଛନ୍ତି । ତେବେ ସରକାର ଏତେବଡ଼ ନିଷ୍ପତ୍ତି ନେବା ପୂର୍ବରୁ ବିଧାୟକଙ୍କ ଦରମା ବଢ଼ା ସୁପାରିସ କମିଟିର ସୁପାରିସକୁ କାହିଁକି ତର୍ଜମାକରି ନ ଥିଲେ ବୋଲି ବିଭିନ୍ନ ମହଲରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅନ୍ୟପକ୍ଷରେ ରାଜ୍ୟରେ ନୂଆ ସରକାର କ୍ଷମତାସୀନ ହେବାର ୧୮ମାସ ହୋଇଛି । ଇତିମଧ୍ୟରେ ସରକାର ଅନେକ ନିଷ୍ପତ୍ତି ନେବା ପରେ ତାକୁ ବଦଳାଇବାର ନଜିର ରହିଛି । ଜୁନ୍‌ରେ ପଞ୍ଚାୟତ ଉପନିର୍ବାଚନ ହେବା ଲାଗି




ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରିହେବାର କେଇଘଣ୍ଟା ପରେ ତାହାକୁ ବର୍ଷା ପାଇଁ ପରେ ସ୍ଥଗିତ ରଖାଯାଇଥିଲା । ଏହାକୁ ନେଇ ଏବେ ବି ସମ୍ପୃକ୍ତ ପଞ୍ଚାୟତବାସୀଙ୍କ ପକ୍ଷରୁ କେବେ ଉପନିର୍ବାଚନ ହେବ ଅନାଇ ରହିଛନ୍ତି । ଏହି ପରିପ୍ରେକ୍ଷୀରେ ବିଧାୟକ ଏବଂ ଅନ୍ୟମାନଙ୍କ ଦରମା ବଢ଼ା ନିଷ୍ପତ୍ତିର ପୁନର୍ବିଚାର ପ୍ରସ୍ତାବ ସରକାରଙ୍କ ପାଇଁ ଆଉ ଏକ ବୁମେରାଂ ସଦୃଶ ହୋଇଛି ।

ତେବେ ବିଧାୟକଙ୍କ ଦରମା ବଢ଼ା ନିଷ୍ପତ୍ତିକୁ ନେଇ ପ୍ରଥମେ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଗଣମାଧ୍ୟମରେ ନିଜର ବିରୋଧାଭାସ ରଖିଥିଲେ । ସେ କହିଥିଲେ, ବିଧାନସଭା ଚାଲିଥିବାବେଳେ ରାଜରାସ୍ତାରେ ଶତାଧିକ ଶିକ୍ଷକ, ଆଶାକର୍ମୀ ଓ ଅନ୍ୟ ସଙ୍ଗଠନ ତାଙ୍କର ହକ୍ ପାଇଁ ଦାବି କରୁଛନ୍ତି । ସରକାର ସେମାନଙ୍କ କଥାକୁ ବିଚାରକୁ ନ ନେଇ କାହିଁକି ନିଜର ଦରମା ବଢ଼ା ଭଳି ଭୁଲ୍ ନିଷ୍ପତ୍ତି ନେଲେ । ମୁଣ୍ଡାଙ୍କ ଏହି ବିରୋଧର କେଇଘଣ୍ଟା ପରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କ ନିଷ୍ପତ୍ତିକୁ ବିରୋଧକରି ତାଙ୍କର ଦରମା ରାଜ୍ୟର ଗରିବଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଲେ । ଏହାପରେ କଂଗ୍ରେସ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିବାବେଳେ ସିପିଆଇଏମ୍ ପକ୍ଷରୁ ୨ଦିନ ତଳେ ରାଜ୍ୟପାଳଙ୍କୁ ଏହାକୁ ବିରୋଧ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହାବାଦ୍ ବିଭିନ୍ନ ମହଲରେ ମଧ୍ୟ ସରକାରଙ୍କ ନିଷ୍ପତ୍ତିକୁ ନାପସନ୍ଦ କରାଯାଇଥିଲା ।

ଏହାକୁ ନେଇ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଧାୟକମାନଙ୍କୁ ନେଇ ଦୀର୍ଘସମୟ ପର୍ଯ୍ୟନ୍ତ ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକମତକୁ ସମ୍ମାନ ଜଣାଇ ବୈଠକର ନିଷ୍ପତ୍ତିକ୍ରମେ ଭାଜପା ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଏହାର ପୁନର୍ବିଚାର ଲାଗି ଅନୁରୋଧ କରିଛନ୍ତି । ତେବେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରୁଛନ୍ତି ନା ନାହିଁ ତାହା ଉପରେ ସମସ୍ତଙ୍କ ନଜର ।

## ମା' ହେଲେ ଦଶମ ଶ୍ରେଣୀ ଛାତ୍ରୀ

କଟକ, ୧୯।୧୨: କଟକ ଜିଲା ମାଣିଆବନ୍ଧ ଥାନା ଅନ୍ତର୍ଗତ ଖୁଣ୍ଟକଟା ଅଞ୍ଚଳର ଜଣେ ୧୪ ବର୍ଷୀୟ ଦଶମ ଶ୍ରେଣୀ ଛାତ୍ରୀ ବଳାତ୍କାର ଶିକାର ହେବା ପରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ କଟକର ଏକ ଘରୋଇ ହସ୍ପିଟାଲରେ ଜିଲା ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି)ର ହସ୍ତକ୍ଷେପ କ୍ରମେ ପୁଲିସ ଚଢ଼ଉ କରି ଉଭୟ ମା' ଓ ଶିଶୁଙ୍କୁ ଉଦ୍ଧାର କରିଛି ।



ନାବାଳିକା ଜଣକ କିଛି ମାସ ତଳେ ସ୍କୁଲରୁ ଫେରୁଥିବା ବେଳେ ରେଙ୍ଗାଲି ପୋଲ ନିକଟରେ ଦୁଇଜଣ ବ୍ୟକ୍ତି ତାଙ୍କୁ ଟେକି ନେଇଥିଲେ ଏବଂ ସେଠାରେ ଜଣେ ତାଙ୍କ ସହ ବଳାତ୍କାର କରିଥିଲା । ଭୟରେ ନାବାଳିକା ଜଣକ ଏ ବିଷୟରେ କାହାକୁ କହିନଥିଲେ ।

ଗର୍ଭବତୀ ହେବା ପରେ ପରିବାର ଲୋକେ ଜାଣି ପାରି କଟକ ସଦର ପ୍ରତାପନଗରୀସ୍ଥିତ ଏକ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରିଥିଲେ । ଚଳିତ ମାସ ୧୪ ତାରିଖ ରାତିରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ ।

ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନର ଏକ ଟିମ୍ ଓ ସଦର ଥାନା ପୁଲିସ ତୁରନ୍ତ ହସ୍ପିଟାଲରେ ଚଢ଼ଉ କରିଥିଲେ । ଗୁରୁତର ଅବସ୍ଥାରେ ଥିବା ଶିଶୁପୁତ୍ରକୁ ଶିଶୁଭବନରେ ଭର୍ତ୍ତି କରାଯାଇଥିବା ବେଳେ ପୀଡ଼ିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ବସୁନ୍ଧରା ମୁକ୍ତାଶ୍ରୟ କେନ୍ଦ୍ରରେ ଥଇଥାନ କରାଯାଇଛି । ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।



# ଶଶୀଦେବି ବାଳିକା ଉଚ୍ଚ ବିଦ୍ୟାଳୟର ୨୦୨୫ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ

ବଡ଼ଚଣା, ୧୯।୧୨:(ମନ୍ଥନ)ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ସ୍ଥିତ ଶଶୀ ଦେବି ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ବାର୍ଷିକ କ୍ରୀଡ଼ା ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜ ସେବୀ ଅଞ୍ଜନ କୁମାର ନନ୍ଦ ଯୋଗଦେଇଥିଲେ। ସମ୍ମାନ ଅତିଥି ଭେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ , ତ୍ରିଲୋଚନ ବେହେରା, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପ୍ରିୟନାଥ ପୃଷ୍ଟି , ମୁଖ୍ୟ ବକ୍ତା ଭାବେ ଛତିଆ ସମିତିସଭ୍ୟ ଦୀପକ ସାହୁ,



ପୂର୍ବତନ ସି ଆର୍ ସି ସି ରଶ୍ମି ରଞ୍ଜନ କ୍ଷେତ୍ର ପ୍ରମୁଖ ଯୋଗଦେଇ ଥିଲେ । ଛାତ୍ରୀ ମାନଙ୍କ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପ ଚନ୍ଦନ ଓ ଉତ୍ତରୀୟ ଦେଇ ପୂଜ୍ୟ ସ୍ୱାଗତ କରି ଥିଲେ । ସ୍କୁଲ ଛାତ୍ରୀ ମାନଙ୍କ ପକ୍ଷରୁ ସାଂସ୍କୃତିକ ନାଚଗୀତ ସହିତ ଆଧାତ୍ମିକ ଚେତନା ଧର୍ମୀ ସନ୍ଥ ଦାସିଆ ବାଉରୀ ଉପାଖ୍ୟାନ ର କଳା ପ୍ରଦର୍ଶନ କରିଥିଲେ। ୩ ଦିନ ଧରି ଚାଲିଥିବା ବିଭିନ୍ନ ବାର୍ଷିକ କ୍ରୀଡା ରେ ଭାଗ ନେଇଥିବା କୃତିତ ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସବିତା ବାରିକ ସଭା ପରିଚାଳନା କରିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ପିଏମ ଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ୍ଧୁତ ପୂର୍ଣ୍ଣ କ୍ରୀଡା ସମାରୋହ

କେନ୍ଦ୍ରାପଡ଼ା, ୧୯।୧୨:(ମନ୍ଥନ)ପିଏମଶ୍ରୀ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀ ଛାତ୍ରମାନେ, କ୍ରୀଡା ଶିକ୍ଷୟିତ୍ରୀ ଇତିଶ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ବନ୍ଧୁତ ପୂର୍ଣ୍ଣ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ପ୍ରଧାନ ଶିକ୍ଷକ ସୋମନାଥ ମହାପାତ୍ର ଉଦଘାଟନ କରିଥିଲେ। ଏଥିରେ ଅମ୍ପାୟାର ଭାବେ ଶିକ୍ଷକ ଅରବିନ୍ଦ ବାରିକ, ସହ ଅମ୍ପାୟାର ଭାବେ ପୂର୍ବତନ ଛାତ୍ର ଚନ୍ଦ୍ରଭାନୁ ସ୍ୱାଇଁ, ଓ ଘୋଷକ ଭାବେ ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ, ଲିପିକ ଭାବେ ତପନ କୁମାର ସ୍ୱାଇଁ ପ୍ରମୁଖ ସୁଚାରରୂପେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ପ୍ରତିଯୋଗିତା ୮ ଓଭର ଖେଳା ଯାଇଥିଲା। ଶେଷରେ ଦଶମ ଶ୍ରେଣୀ ବିଜୟ ହୋଇଥିଲା। ବିଜୟୀ ହୋଇଥିବା ଦଳର ପିଲାଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି। ଏଥିରେ ଚିତ୍ରସେନ ମାଝୀ, ତୃପ୍ତିରେଖା ପରିଡା, ଇତିଶ୍ରୀ ପ୍ରଧାନ, ମୋନାଲିସା ବେହୁରା, ଦୀପ୍ତିମୟୀ ମୁଦୁଲି, ଦୀପ୍ତିରେଖା ପରିଡା, ପୁଷ୍ପମିତ୍ରା ଦ୍ୱିବେଦୀ, ସାବିତ୍ରୀ ବିଶ୍ୱାଳ, ଏଲିନା ରାଉତରାୟ, ପ୍ରିୟଙ୍କା ପ୍ରତିଶ୍ରୁତି ନାୟକ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ବରିଷ୍ଠ ଆଇନଜୀବୀ ବିମଳେନ୍ଦୁ ଦାସଙ୍କ ପରଲୋକ

ଜଳେଶ୍ୱର,୧୯।୧୨:(ମନ୍ଥନ)ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକସରାଇଠାରେ ଅବସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମ ଟ୍ରଷ୍ଟର ସମ୍ପାଦକ ବିମଳେନ୍ଦୁ ଦାସଙ୍କ ୭୨ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ କୋଲକାତା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ରୂପେ ଦୀର୍ଘ ଦିନ ଧରି କାର୍ଯ୍ୟ କରି ଆସୁଥିଲେ । ଆଶ୍ରମ ଟ୍ରଷ୍ଟ ଦ୍ୱାରା ପରିଚାଳିତ ପରିସରରେ ଥିବା ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିର ସଭାପତି ଡଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି। ଏହିଶ୍ରୀ ରାମକୃଷ୍ଣ ଆଶ୍ରମର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ସୁରେନ୍ଦ୍ର ନାଥ ଦାସଙ୍କ ୨୦୨୨ ମସିହାରେ ଦେହାନ୍ତ ପରେ ତାଙ୍କର କେତେଜଣ ବିଦ୍ୱାନ, ତ୍ୟାଗୀ ଛାତ୍ର ଗୁରୁଙ୍କ ପ୍ରତି ଅଖଣ୍ଡ ଭକ୍ତିକୁ ପାଥେୟ କରି ଏକ ଟ୍ରଷ୍ଟ ଗଠନ କରିଥିଲେୟ ଉକ୍ତ ଟ୍ରଷ୍ଟରେ ସମ୍ପାଦକ ଭାବରେ ଦିବଂଗତ ବିମଳେନ୍ଦୁ ଦାସ ଆଶ୍ରମର ବହୁବିଧ ଉନ୍ନତି ମୂଳକ କାର୍ଯ୍ୟ ତୁଲାଇଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ସୁକୁମାର ରଣା ସ୍ୱର୍ଗତ ଦାସଙ୍କ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ତିଳୋତ୍ତମା ନାୟକ, କୋଷାଧ୍ୟକ୍ଷ ଚନ୍ଦନ ଦାସ ଅଧିକାରୀ, ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଜେନା, ଶିକ୍ଷୟତ୍ରୀ କ୍ରିଷ୍ଣା ପାଲ,ଅନିମା ଜେନା,ପ୍ରତିଭା ଦତ୍ତ, ସସ୍ମିତା ନାୟକ, ସୁସ୍ମିତା ସେନାପତି , ଅନୀମା ଦେ ଓ ଆଶ୍ରମ ପକ୍ଷରୁ ବସନ୍ତ ମହାନ୍ତି,ରାମ ବାସ୍କେ, ଗୁରୁପଦ ଅଧିକାରୀ ପ୍ରମୁଖ ସ୍ୱର୍ଗତ ଦାସଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିଥିଲେ ।ଶେଷରେ ଶିକ୍ଷକ ବିଶ୍ୱଜିତ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂମିହୀନ ଲୋକମାନଙ୍କୁ ଜମିପଟା ଯୋଗାଇଦେବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଡେଲାଙ୍ଗ, ୧୯।୧୨:(ମନ୍ଥନ)ଭୂମିହୀନ ଗରୀବ ଲୋକମାନଙ୍କୁ ଜମିପଟା ଯୋଗାଇ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏଥି ନିମନ୍ତେ ବସୁନ୍ଧରା ଯୋଜନାରେ ଭୂମିହୀନମାନେ ତହସିଲ କାର୍ଯ୍ୟାଳୟ ରେ ଜମିପଟା ପାଇଁ ଆବେଦନ କରିପାରିବାର ନିୟମ ରହିଛି । ଡେଲାଙ୍ଗ ଅଞ୍ଚଳ ର ଅନୁସୂଚିତ ଜାତିର ଭୂମିହୀନମାନଙ୍କୁ ଜମିପଟା ଯୋଗାଇଦେବା ଦାବିରେ ଆମ୍ବେଦକର ଲୋହିଆ। ବିଚାର ମଞ୍ଚ ସାମାଜିକ ସଂଗଠନ ପକ୍ଷରୁ ଡେଲାଙ୍ଗ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଚାର ମଞ୍ଚର ବାବୁଲି ବେହେରା ଙ୍କ ନେତୃତ୍ୱରେ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ରୁ ୯୦ ରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତିର ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ । ବିଚାର ମଞ୍ଚ ଦ୍ୱାରା ଚିହ୍ନଟ ହୋଇଥିବା ଡେଲାଙ୍ଗ



ଅଞ୍ଚଳର ଏହି ଭୂମିହୀନ ପରିବାର ମାନଙ୍କୁ ଜମିପଟା ଯୋଗାଇଦେବାକୁ ଦାବି କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ଭୂମିହୀନ ପରିବାର ମାନଙ୍କ ପକ୍ଷରୁ ୯୦ଟି ଆବେଦନ ଫର୍ମ ସହ ଆବଶ୍ୟକୀୟ କାଗଜପତ୍ର ତହସିଲଦାର ଙ୍କୁ ପ୍ରଦାନ କରାଯାଇଥିଲା । ତହସିଲଦାରଙ୍କ ପକ୍ଷରୁ ସୁପରଭାଇଜର ଅଭିଲିପ୍ସା ପାଣ୍ଡି ଆବେଦନ ଫର୍ମ ଗୁଡିକ ଗ୍ରହଣ କରିଥିଲେ ।ତହସିଲଦାର ଦେବୀ ପ୍ରସାଦ ଆଚାର୍ଯ୍ୟ ଆବେଦନ ଫର୍ମ ଗୁଡିକୁ ରଖିବା ସହ ଏଗୁଡିକ ରାଜସ୍ୱ ନିରୀକ୍ଷକମାନଙ୍କ ଜରିଆରେ ସର୍ଭେ କରାଯାଇ ଜମି ଚିହ୍ନଟ ପ୍ରକ୍ରିୟା କରାଯିବ ବୋଲି କହିଥିଲେ ।

# ହୃଦଘାତରେ ଆଇନଜୀବୀ ଦୁର୍ଯୋଧନଙ୍କ ଅକାଳ ବିୟୋଗ

ଡେଲାଙ୍ଗ,୧୯।୧୨:(ମନ୍ଥନ) ଡେଲାଙ୍ଗ ଥାନା ବ୍ରାହ୍ମଣତରବୋଇ ଗ୍ରାମର ଆଇନିଜୀବୀ ଦୁର୍ଯୋଧନ ସେନାପତି(୫୮)ହୃଦଘାତରେ ଅକାଳ ବିୟୋଗ ଘଟିଛି । ତାଙ୍କ ବିୟୋଗରେ ସମଗ୍ର ଡେଲାଙ୍ଗ ଅଂଚଳ ଶୋକର ଛାୟା ଖେଳି ଯାଇଛି । ମିଳିଥିବା ସୁଚନାନୁଯାଇ ଦୁର୍ଯୋଧନ ଙ୍କର ଗୁରୁବାର ରାତି ଘରେ ବାନ୍ତି ହେବାରୁ ପରିବାର ଲୋକ ପିପିଲି ମେଡିକାଲ କୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ଭୁବନେଶ୍ୱର କୁ ସ୍ଥାନାନ୍ତରିତ କରିଥିଲେ। ଭୂବନେଶ୍ୱର ର ଏକ ଘରୋଇ ମେଡିକାଲ ରେ ତାଙ୍କର ହୃଦଘାତରେ ମୃତ୍ୟୁବରଣ କରିଥିବା ଡାକ୍ତର ଘୋଷଣା କରିଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ବହୁମାନ୍ୟଗଣ ବ୍ୟକ୍ତି, ପରିବାର ,ପ୍ରିୟଜନ ବନ୍ଧୁବାନ୍ଧବ ମାନେ ଘରେ ପହଂଚି ମରଶରୀରକୁ ଶେଷଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ମାଁ ସାହାଜି ଯୁବକ ସଂଘ ରୋପ୍ୟ ଜୟନ୍ତୀ ସମାରୋହ

ବଙ୍ଗୋମୁଣ୍ଡା,୧୯।୧୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସାହାଜି ଯୁବକ ସଂଘ କପିଲାଭଟା ର ୨୫ ବର୍ଷ ପୂର୍ତ୍ତି ଅବସର ରେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମାଁ ସାହାଜିକଟେନ ଙ୍କ ପୀଠ ରୁ ମଶାଲ ଆଣି କାର୍ଯ୍ୟକ୍ରମ ସ୍ଥଳରେ ସ୍ଥାପନ କରାଯାଇଥିଲା । ମାଁ ସମଲେଶ୍ୱରୀ ଙ୍କ ଫଟୋ ଚିତ୍ର ରେ ପୂଜାର୍ଚ୍ଚନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆୟୋଜିତ ରୋପ୍ୟ ଜୟନ୍ତୀ ସମାରୋହ ର ସାଧାରଣ ସଭାରେ ମାଁ ସାହାଜି ଯୁବକ ସଂଘ ର ସଭାପତି ଜିତାମିତ୍ର ବିଶି ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଙ୍କ ବଡ଼ଭାଇ ପୁରନ୍ଦର ବାଗ,ମୁଖ୍ୟବକ୍ତା ଭାବେ କଣ୍ଟାବାଞ୍ଜି ବୈଷୟିକ ମହାବିଦ୍ୟାଳୟ ର ଓଡ଼ିଆ। ଅଧ୍ୟାପକ ତଥା ବିଶିଷ୍ଟ ଲେଖକ ସଞ୍ଜୟ ମିଶ୍ର,ସମ୍ମାନୀୟ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ସରପଞ୍ଚ ସଂଘ ସଭାପତି ଅଜିତ କୁମାର ଯୋଶୀ,ବଙ୍ଗୋମୁଣ୍ଡା ବିଜେପି ମଣ୍ଡଳ ସଭାପତି ପବିତ୍ର ପୋଡ଼,କପିଲାଭଟା ସରପଞ୍ଚ ତୁଳସେ ଭୋଇ,ସମିତି ସଭ୍ୟ କେଦାର ଭୋଇ ,ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ଉପ ସଭାପତି ଅଶୋକ





ନାରାୟଣ ଭୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗତ ୨୫ ବର୍ଷ ଧରି ସଂଘ ଗାଁର ସର୍ବାଙ୍ଗୀନ ଉନ୍ନତି କୁ ଲକ୍ଷ କରି ଶିକ୍ଷା ର ପ୍ରଚାର ପ୍ରସାର, ସ୍ୱାସ୍ଥ୍ୟ ସଚେତନତା, ବୃକ୍ଷରୋପଣ,ଗ୍ରାମ ପରିମଳ ଓ ସଫା ସୁତୁରା, ମଦ ନିବାରଣ ଗ୍ରାମର ରାସ୍ତା ,ଘାଟ ଓ ସାମୁହିକ ସ୍ଥଳୀ ସଫା କରି ଅନେକ ମୂଲ୍ୟବୋଧ ମୂଳକ କାର୍ଯ୍ୟ କୁ ଅତିଥି ମାନେ ପ୍ରଶଂସା କରିଥିଲେ । ଗାଁ,ସମାଜ ଓ ଦେଶ ଗଠନ କରିବାରେ ଯୁବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ସମ୍ପାଦକ ହୁଲେଶ୍ୱର ହଂସ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ । ଏହି ଅବସର ରେ କପିଲାଭଟା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକ,କପିଲାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ,କପିଲାଭଟା ଅଙ୍ଗନବାଡ଼ି କର୍ମୀ ପ୍ରିୟା ବାଗ,କପିଲାଭଟା ଆଶା କର୍ମୀ ସଂଗୀତା ବନଛୋର,କପିଲାଭଟା ଗ୍ରାପ ର ଏମବିକେ ଭୁଜଙ୍ଗିନୀ ହଂସ,କପିଲାଭଟା ଗ୍ରାମ ର ସିଆରପି ଇନ୍ଦୁମତି ହଂସ ଙ୍କୁ ମାନପତ୍ର ଓ ଉପଢୋଉକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଙ୍କ ପକ୍ଷରୁ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଭୁରକୁଣ୍ଡି ମୟୁରଭଞ୍ଜ ରୁ ଆସି ଥିବା କଳାକାର ଙ୍କ ଛଉ ନୃତ୍ୟ ପରିବେଷଣ ହୋଇଥିଲା । ବିଭିନ୍ନ ଅନୁଷ୍ଠାନ ଗୁଡିକ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକ ମାନେ ଦର୍ଶକ ମାନେ ଉପଭୋଗ କରିଥିଲେ । ଏଥିରେ ସହ ସମ୍ପାଦକ ସୁନୀଲ କୁମାର ବିଶି, ଅଶୋକ କୁମାର ବିଶି, ପରମାନନ୍ଦ ଛତ୍ରିଆ,ରଜତ କୁମାର ବିଶି, ବିକାଶ ହଂସ, ଦେବାଶିଷ ବିଶି, ଶୁଭାଶିଷ ବିଶି,ଚନ୍ଦ୍ରଶେଖର ବିଶି,ସମୀର ବିଶି, ରଶ୍ମିରଞ୍ଜନ ହଂସ, ଲୋକନାଥ ହଂସ,ଯଶପାଲ ହଂସ,ରଞ୍ଜନ ହଂସ,ସୁରେନ୍ଦ୍ର ବିଶି ପ୍ରମୁଖ ଙ୍କ ସହ ଯୁବକ ସଂଘ ର ସମସ୍ତ ସଦସ୍ୟ ମାନେ ସହଯୋଗ କରିଥିଲେ ।

# ବୃତ୍ତି ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ଗଞ୍ଜାମ,୧୯।୧୨:(ମନ୍ଥନ)ଚଳିତ ବର୍ଷ ଆୟୋଜିତ ରାଜ୍ୟସ୍ତରୀୟ ବୃତ୍ତ ପରୀକ୍ଷାରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗଞ୍ଜାମର ଛାତ୍ରଛାତ୍ରୀ ମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏହି ପରୀକ୍ଷାରେ ପଞ୍ଚମ ଶ୍ରେଣୀର ଛାତ୍ର ସାଇନାଥ ମିଶ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ତୃତୀୟ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସଂସ୍କୃତି ରାଓ ଗଞ୍ଜାମ ବ୍ଲକରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ସୁଶ୍ରୀ ତପସ୍ୱିନୀ ପଲାଇ ଷଷ୍ଠ ସ୍ଥାନ ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତିୟ ଛାତ୍ର ଛାତ୍ରୀ ମାନଙ୍କ ଶତ ପ୍ରତିଶତ ସଫଳତା ବିଦ୍ୟାଳୟ ପାଇଁ ସୁନାମ ଆଣି ଦେଇଛିୟ କଠିନ ପରିଶ୍ରମ, ନିୟମିତ ଅଧ୍ୟୟନ, ଗୁରୁଜୀ ଗୁରୁମାଙ୍କ ସଠିକ୍ ମାର୍ଗଦର୍ଶନ,ଅଭିଭାବକଙ୍କ ଆଶୀର୍ବାଦ ଓ ପରିଚାଳନା କମିଟି ସଦସ୍ୟବୃନ୍ଦଙ୍କ ପ୍ରେରଣା ଓ ଉତ୍ସାହ ଦ୍ୱାରା ସେମାନେ ଏହି ସଫଳତା ହାସଲ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗ.ଲିଙ୍ଗରାଜ ରେଡି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତା ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଅଧ୍ୟୟନରେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେବ ବୋଲି କୁହାଯାଉଛି ।

# ବିଜେପିର ମିଥ୍ୟା ଆରୋପ ବିରୋଧରେ କେନ୍ଦ୍ରାପଡା କଂଗ୍ରେସର ପ୍ରତିବାଦ

କେନ୍ଦ୍ରାପଡ଼ା,୧୯।୧୨:(ମନ୍ଥନ)ନ୍ୟାସନାଲ ହେରାଲ୍ଡ ଓ ମନିଲଣ୍ଡରିଂ ଭଳି ଅର୍ଥ ଆତ୍ମସାତ ଘଟଣାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ସଂପୃକ୍ତି ସମ୍ପର୍କରେ ବିଜେପି ପକ୍ଷରୁ ଆଗତ ହୋଇଥିବା ମୋକଦ୍ଦମାକୁ ନ୍ୟାୟାଳୟ ଖାରଜ କରିଦେବା ଫଳରେ ବିଜେପି, ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କର ମିଥ୍ୟା ଆରୋପ ଲଗାଇ କଂଗ୍ରେସ ଦଳର ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅପ ପ୍ରଚାରର ପର୍ଦା ଫାସ ହୋଇଛି। କଂଗ୍ରେସ ଦଳ, ମହାତ୍ମା ଗାନ୍ଧୀ ଓ ଜବାହରଲାଲ ନେହେରୁଙ୍କ ପରିବାର ବିରୋଧରେ ବାରମ୍ବାର ମିଛ କଥା କହି ବଦନାମ କରିବା ବ୍ୟତିତ ବିଜେପି ସରକାର ପାଖରେ ଅନ୍ୟ କୌଣସି ଯୋଜନା ନାହିଁ। ସଂବିଧାନର ଉଲ୍ଲଙ୍ଘନ କରି ଗଣତନ୍ତ୍ରକୁ ହତ୍ୟା କରି ଜନ ବିରୋଧୀ କାର୍ଯ୍ୟ କରୁଥିବା ବିଜେପି ସରକାର ନିଜର ଦୋଷ ଗୁଣକୁ ଲୁଚାଇବା ପାଇଁ ମିଥ୍ୟାର ଆଶ୍ରୟ ନେଇ କଂଗ୍ରେସ ସରକାରଙ୍କ ଦ୍ୱାରା ନାମିତ ଯୋଜନାର ନାମ ପରିବର୍ତ୍ତନ କରି ଜନମାନସକୁ ବିଭ୍ରାନ୍ତ କରିବା ପାଇଁ ଷଡଯନ୍ତ୍ର କରୁଛି। ଗୁରୁବାର





ପୁରୁଣା ବସଷ୍ଟାଣ୍ଡରେ ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବଶ୍ମୀତା ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ବକ୍ତାମାନେ ବିଜେପି ସରକାରର ଇସ୍ତଫା ଦାବି କରିଥିଲେ। ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଡ. ସିପ୍ରା ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ଅଶୋକ କୁମାର ପ୍ରତିହାରୀ, ପ୍ରଫୁଲ୍ଲ ଦାସ, ରତିକାନ୍ତ କାନୁନଗୋ, ଆକବର ଅଲ୍ଲୀ, ବସନ୍ତ ସେଠୀ, ବିଭ୍ରାଂଶୁ ଲେଙ୍କା, ବାବୁରାମ ଜେନା, ବିଧୁଭୂଷଣ ମହାପାତ୍ର, ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା, ନାରାୟଣ ରାଉତ, ଭାଗିରଥୀ ଜେନା, ଜୟଦେବ ପରିଡା, ମହେନ୍ଦ୍ର ପରିଡା, ବିଧାନ ଚନ୍ଦ୍ର ସାମଲ, କବିନ୍ଦ୍ର ସାମଲ, ରଞ୍ଜନ ଦାସ, ନିରଞ୍ଜନ ସାହୁ, ପ୍ରମିଳା ସାହୁ, ଅଶୋକ ମୋହନ ଜେନା, ନିରଞ୍ଜନ ରାଉତ, ହିମାଂଶୁ ନନ୍ଦ, ଉମେଶ ପାଢୀ ପ୍ରମୁଖ ଶତାଧିକ କଂଗ୍ରେସ ଦଳର ନେତା ଓ କର୍ମୀମାନେ ସାମିଲ ହୋଇ ବିଜେପିର ଏଭଳି ମିଥ୍ୟା ଆରୋପର ଦୃଢ଼ ପ୍ରତିବାଦ କରିବା ସହ କୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ କର୍ମଶାଳା

କେନ୍ଦ୍ରାପଡ଼ା,୧୯।୧୨:(ମନ୍ଥନ)କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ପ୍ରକୋଷ୍ଠ (ଆଇକ୍ୟୁଏସି) ପକ୍ଷରୁ ଗୁରୁବାର "ଗବେଷଣା ପ୍ରସ୍ତାବ ଲେଖନ ଓ ପାଣ୍ଠି ସଂଗ୍ରହ: ଧାରଣାରୁ ଅନୁମୋଦନ ପର୍ଯ୍ୟନ୍ତ" ଶୀର୍ଷକରେ ଏକ ଜାତୀୟ ସ୍ତରୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଇଂରାଜୀ ବିଭାଗ ମୁଖ୍ୟ ଡ଼. ପୂର୍ବାଶା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମରେ ଉଦଘାଟନୀ ସମ୍ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ଏହି ଅବସରରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇକ୍ୟୁଏସି ଆଭ୍ୟନ୍ତରୀଣ ସଦସ୍ୟ ପ୍ରଫେସର ରଞ୍ଜିତ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇକ୍ୟୁଏସି ସଂଯୋଜିକା ଡ଼. ଦିପ୍ତି ରାୟ କର୍ମଶାଳାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ପ୍ରଥମ ସତ୍ରରେ ବାଣୀବିହାର ଉତ୍କଳ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ଡ଼. ହିମାଂଶୁ ଶେଖର ରାଉତ "ଗବେଷଣା ପ୍ରସ୍ତାବ ଲେଖନ" ବିଷୟରେ ଆଲୋଚନା କରିଥିଲେ। ଦ୍ୱିତୀୟ ସତ୍ରରେ ନୂଆଦିଲ୍ଲୀ ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଡ଼. ମୀନକେତନ ବେହେରା "ଗବେଷଣା ପ୍ରସ୍ତାବ ପାଇଁ ପାଣ୍ଠି ସଂଗ୍ରହ" ଉପରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଶେଷରେ ୟୁଜିସି ସଂଯୋଜକ ଡ଼. ଦେବକାନ୍ତ ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କର୍ମଶାଳାକୁ କ୍ୟାପଟେନ ସୀମା ମହାନ୍ତି ସଂଯୋଜନା କରିଥିଲେ। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧାପକ ଓ ଅଧାପିକା, ଗବେଷକ ଓ ଗବେଷିକାମାନେ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟର ଅଧାପକ ଓ ଅଧାପିକା ଏବଂ ବରିଷ୍ଠ ପ୍ରାଧାପକ ମାନେ ସହଯୋଗ କରିଥିଲେ । ଏହି ଜାତୀୟ କାର୍ଯ୍ୟଶାଳା ଶିକ୍ଷକ, ଗବେଷକ ଓ ଗବେଷଣାରେ ଆଗ୍ରହୀ ଅଂଶଗ୍ରହୀମାନଙ୍କ ପାଇଁ ବେଶ୍ ଉପକାରୀ ହେବ ବୋଲି ଆୟୋଜକ ମଣ୍ଡଳୀ ଆଶା ପ୍ରକାଶ କରିଛନ୍ତି।

# ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ

ପାରାଦୀପ,୧୯।୧୨:(ମନ୍ଥନ)ପାରାଦୀପ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡା ଦିବସ ୨୦୨୫-୨୬ ବିଦ୍ୟାଳୟ ପରିସରରେ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ବନ୍ଦର ପ୍ରାଧିକରଣ ସିଆଇଏସଏଫ ୟୁନିଟ୍ ର କମାଣ୍ଡାଣ୍ଟ ସନତ କୁମାର ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସକାଳ ୮ଟାରେ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଗୋପବନ୍ଧୁ କ୍ରୀଡା ସଂସଦର ସମ୍ପାଦକ ଧୂନ ଚନ୍ଦ୍ର ତରାଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଅଧକ୍ଷ ପଙ୍କଜ ବାର୍ଷ୍ଣେୟ ଛାତ୍ରଛାତ୍ରୀଙ୍କ ଜୀବନରେ କ୍ରୀଡାର ଭୂମିକା ଏବଂ କ୍ରୀଡାର ବିକାଶ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ମାଧ୍ୟମିକ ସ୍ତରରେ ସୁଭାଷ ହାଉସ ଚମ୍ପିଅନ ହୋଇଥିବା ବେଳେ ଅଶୋକ ହାଉସ ରନର୍ସଅପ୍ ହୋଇଥିଲେ। ମାଧ୍ୟମିକ ସ୍ତରରେ ଏମଡି ଆୟାଜ, ପ୍ରତ୍ୟୁଷ ରଥ, ବିଦିଶା ମିଶ୍ର, ସ୍ୱୟଂଶ୍ରୀ ଦାସ ଏବଂ ଜେକଲିନ୍ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ । ପ୍ରାଥମିକ ସ୍ତରରେ ତନିଷ୍କା ଛତ୍ରାଜ ଏବଂ ରୂପାଲି ବିଶ୍ୱାସ ବରିଷ୍ଠ ଏବଂ କନିଷ୍ଠ ବର୍ଗରେ ଚମ୍ପିଅନ ହୋଇଛନ୍ତି। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କମଲ କ୍ରିଷ୍ଣା ଯୋଶୀ, ସୁଶ୍ରୀ ନିବେଦିତା ତରାଇ ଏବଂ ଅଶ୍ୱିନୀ କୁମାର ପଲାଇ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେୟ ଏହି କାର୍ଯ୍ୟକ୍ରମର ସୁପରିଚାଳନାରେ ଅଭିଷେକ ଚନ୍ଦ୍ରା, ରୁପରଞ୍ଜନ ବୁଡେକ୍, ସୌମୀ ଚାଟାର୍ଜୀ ନାଥ, ଆଦେଶ ପ୍ରଧାନ, ପଦ୍ମନାଭ ବେହେରା ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ମାନେ ସହଯୋଗ କରିଥିଲେ ।

# ଓଡିଶା ରାଜ୍ୟ ମହିଳା କମିଶନଙ୍କ ଦ୍ୱାରା କେନ୍ଦୁଝରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ

କେନ୍ଦୁଝର,୧୯।୧୨:(ମନ୍ଥନ) ମହିଳାମାନଙ୍କ ସହ ଜଡିତ ଅଭିଯୋଗର ସମାଧାନ ଏବଂ ଜିଲ୍ଲା ସ୍ତରରେ ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ ଶୁକ୍ରବାର ଦିନ ଓଡିଶା ରାଜ୍ୟ ମହିଳା କମିଶନର ଏକ କ୍ୟାମ୍ପ କୋର୍ଟ ଶୁଣାଣି କେନ୍ଦୁଝର ଜିଲ୍ଲାପାଳଙ୍କ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାମ୍ପ କୋର୍ଟରେ ସଦସ୍ୟ ଶ୍ରୀମତୀ ପ୍ରତିଭା ଶତପଥୀ, ଉପ-ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ପ୍ରଭା ଧାନ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ମିତା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ । କମିଶନଙ୍କ ନିର୍ଦ୍ଦେଶର ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନରେ ସହାୟତା କରିବା ପାଇଁ ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଭାରତୀ ସାହୁ, ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ଚନ୍ଦ୍ରକାନ୍ତି ଜେନା, ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ସହଯୋଗ କରିଥିଲେ। କ୍ୟାମ୍ପ କୋର୍ଟରେ ମୋଟ ୨୧ ଟି ମାମଲା ପଂଜୀକୃତ ହୋଇଥିବାବେଳେ ତନ୍ମଧ୍ୟରୁ ୧୪ ଟି





ମାମଲାରେ ପକ୍ଷ ହାଜର ହୋଇଥିଲେ । ସେଥିମଧ୍ୟରୁ ୭ ଟି ମାମଲାରେ ଉଭୟ ପକ୍ଷ, ୫ ଟି ମାମଲାରେ କେବଳ ଆବେଦନକାରୀ ଏବଂ ୨ ଟି ମାମଲାରେ କେବଳ ବିପରୀତ ପକ୍ଷ ହାଜର ହୋଇଥିଲେ। ଶୁଣାଣି ପରେ, ଚାରୋଟି ମାମଲା ଘଟଣାସ୍ଥଳେ ଆପୋଷ ସମାଧାନ କରାଯାଇଥିଲା । ଦୁଇଟି ମାମଲା ସୁରକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା ଏବଂ ଗୋଟିଏ ମାମଲା ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ପଠାଯାଇଥିଲା । ପାଞ୍ଚଟି ମାମଲାରେ, ପରବର୍ତ୍ତୀ ତାରିଖରେ ହାଜର ହେବା ପାଇଁ ପକ୍ଷମାନଙ୍କୁ ନୂତନ ନୋଟିସ୍ ଜାରି କରାଯାଇଥିଲା । ସମ୍ପୃକ୍ତ ପକ୍ଷଙ୍କ ଅସହଯୋଗ ଯୋଗୁଁ ଦୁଇଟି ମାମଲା ପ୍ରତ୍ୟାହାର କରାଯାଇଥିଲା । ଏହା ସହିତ କ୍ୟାମ୍ପ କୋର୍ଟ ସମୟରେ କମିଶନ ଦୁଇଟି ନୂତନ ମାମଲା ଗ୍ରହଣ କରିଥିଲେ ।ସୂଚନାଯୋଗ୍ୟ ଓଡିଶା ରାଜ୍ୟ ମହିଳା କମିଶନର କ୍ୟାମ୍ପ କୋର୍ଟ ଜିଲ୍ଲା ସ୍ତରରେ ଅଭିଯୋଗ ସମାଧାନ ପାଇଁ ଏକ ସୁଗମ ଏବଂ ପ୍ରଭାବଶାଳୀମଞ୍ଚ ପ୍ରଦାନ କରି ଉତ୍ପୀଡ଼ନର ଶିକାର ହେଉଥିବା ମହିଳାମାନଙ୍କୁ ସହଜରେ ନ୍ୟାୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି ।

# ଟିପିସିଓଡିଏଲର ମନମାନୀକୁ ନେଇ ଘୋର ବିରୋଧ

ଜଗତସିଂହପୁର, ୧୯।୧୨:(ମନ୍ଥନ)ସମଗ୍ର ରାଜ୍ୟରେ ଟିପିସିଓଡିଏଲର ମନମାନୀକୁ ନେଇ ବିରୋଧଭାସ ସୃଷ୍ଟି ହୋଇଥିବା ବେଳେ ଆଜି ରଘୁନାଥପୁରରେ କମ୍ପାନୀର ବିଦ୍ୟୁତ ଉପଭୋକ୍ତା ମାନଙ୍କୁ, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମା ମାଧ୍ୟମରେ କରୁଥିବା ଲୁଟ ବିରୋଧରେ ଆଡ଼ଭୋକେଟ ବାସୁଦେବ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଂଜନ ସ୍ୱାଇଁ ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ ହାତରେ ଠେଙ୍ଗା ଏବଂ ତ୍ରିରଙ୍ଗା ପତାକା ଧରି ଲୋକମାନେ ରାଜରାସ୍ତାକୁ ଓହ୍ଲାଇବ ପାଇଁ ଆହ୍ୱାନ ଦେଇଛନ୍ତି । ଏହି ପଥପ୍ରାନ୍ତ ସଭା ମାନଙ୍କରେ ଆଡଭୋକେଟ ବାସୁଦେବ କହିଥିଲେ ଯେ ଟାଟା କମ୍ପାନୀ ବିଦ୍ୟୁତ ଉପଭୋକ୍ତା ମାନଙ୍କୁ ଶୋଷଣ କରିବା ସହିତ ଆମ ପିଲା ମାନଙ୍କୁ କମ୍ ପଇସା ଦରମା ଦେଇ ଗୋଟି ଖଟାଉଛନ୍ତି । ଦେବି ପ୍ରସାଦ ମହାରଣା କହିଥିଲେ କି ଆମ ଓଡ଼ିଶାର ପାଣି ଆଉ ଖଣି ନେଇ ଟାଟା କମ୍ପାନୀ ଯେଉଁ ବିଦ୍ୟୁତ ଉତ୍ପାଦନ କରୁଛି ସେଥିରୁ ଆମକୁ କିଛି ୟୁନିଟ ବିଜୁଳି ମାଗଣା ଦେବା ପରିବର୍ତ୍ତେ ଆମ ଠାରୁ ବିଜୁଳି ବାବଦରେ ପଇସା ଠକିନେବା ଅମାନବୀୟ କାର୍ଯ୍ୟ । ସରକାର ବି ଟାଟାର ଏହି ଘୃଣ୍ୟ କାର୍ଯ୍ୟରେ ସହଯୋଗ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ । ରଶ୍ମି ରଂଜନ ସ୍ୱାଇଁ କହିଲେ ଯେ ଟାଟା(ଟିପିସିଓଡିଏଲ୍) କମ୍ପାନୀକୁ ଓଡ଼ିଶାରୁ ବହିଷ୍କାର କରିବା ଉଚିତ । ବାସ୍ତବିକ୍ ଟାଟା କମ୍ପାନୀ ବେନିୟମ ଭାବେ ଅତିରିକ୍ତ ସୁରକ୍ଷା ଜମା ରାଶି, ଉପଭୋକ୍ତା ମାନଙ୍କ ଠାରୁ କାହିଁକି ଆଦାୟ କରିବ ? ଡ଼ରଜଉ ସହିତ ଚୁକ୍ତି ଅନୁଯାୟୀ ବର୍ଦ୍ଧିତ ବିଦ୍ୟୁତ ଶୁଳ୍କ ସମୟରେ, ଉପଭୋକ୍ତାଙ୍କର ଏକ ବର୍ଷର ବିଦ୍ୟୁ ବ୍ୟବହାରକୁ ହିସାବ କରାଯିବ ଏବଂ ଉପଭୋକ୍ତାଙ୍କ ଦ୍ୱାରା ପୂର୍ବ ସୁରକ୍ଷା ଜମା ରାଶି ଠାରୁ ୧୦% ଅଧିକ ହେଲେ ଅତିରିକ୍ତ ସୁରକ୍ଷା ଜମା, କମ୍ପାନୀ ନେଇ ପାରିବ । କିନ୍ତୁ ଗତ ଚାରି ବର୍ଷ ଧରି ବିଦ୍ୟୁତ ଦେୟ ବୃଦ୍ଧି ପାଇଁ ନଥିବା ବେଳେ ଟାଟା କମ୍ପାନୀ କାହିଁକି ଉପଭୋକ୍ତା ମାନଙ୍କ ଉପରେ ଆର୍ଥିକ ଚାପ ପ୍ରୟୋଗ କରୁଛନ୍ତି। ଟାଟା କମ୍ପାନୀ ଉପଭୋକ୍ତା ମାନଙ୍କୁ ଯେତିକି ସେବା ପ୍ରଦାନ କରିବା କଥା ତାହା ନକରି କେବଳ ପଇସା ପାଇବା ପାଇଁ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ପରିତାପରବିଷୟ । ତେଣୁ ଅତିରିକ୍ତ ସୁରକ୍ଷା ଜମା ସମ୍ପୂର୍ଣ୍ଣ ବନ୍ଦ୍ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ୍ କରିବା ଏବଂ ଟିପିସିଓଡିଲ୍ ଦ୍ୱାରା କରାଯାଉଥିବା ବେଆଇନ ବିଯୁଳିକାଟ ବିରୋଧରେ ଜଗତସିଂହପୁର ଜିଲ୍ଲାବାସୀ ଏକଜୁଟ ହୋଇ ଆନ୍ଦୋଳନ ରେ ସାମିଲ ହେବା ପାଇଁ ପଥପ୍ରାନ୍ତ ସଭା ମାଧ୍ୟମରେ ରଘୁନାଥପୁର ବଜାର ରେ ଉପସ୍ଥିତ ଥିବା ସାଧାରଣ ଜନତାଙ୍କୁ ଆହ୍ୱାନ ଦେଇଥିଲେ।

ଶନିବାର ୨୦ ଡିସେମ୍ବର, ୨୦୨୫ ଭୁବନେଶ୍ୱର
SATURDAY 20 DECEMBER, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଭାରତ ୨୦୨୫: ଏକ ଜାତୀୟ ସମୀକ୍ଷା

୨୦୨୫ ବର୍ଷ ଭାରତର ଆଧୁନିକ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଏକ ଦଶନ୍ଧିର ସାଂରଚନିକ ସଂସ୍କାର, ଯୁବ ଜନସଂଖ୍ୟା ବୃଦ୍ଧି ଏବଂ ଏକ କ୍ରମଶଃ ଦୃଢ ବୈଦେଶିକ ନୀତି ପରେ, ଦେଶ ନିଜକୁ ବିଶ୍ୱର ଚତୁର୍ଥ ଅର୍ଥନୀତି ହେବା ପାଇଁ ପାଦ ଥାପିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଇଣ୍ଡିଆ ଇକୋନୋମିକ୍ କନ୍‌କ୍ଲେଭ୍ (ଓରଉ ୨୦୨୫)ର ମୁଖ୍ୟ ଖବର, ସର୍ବଶେଷ ଅର୍ଥନୈତିକ ସର୍ଭେ ଏବଂ ଅନେକ ଆଇନଗତ ମାଇଲଖୁଂଟ ଏପରି ଏକ ଦେଶର ଚିତ୍ର ଆଙ୍କିଥାଏ ଯାହା ଏକାକାଳୀନ 'ଭାଗ୍ୟବାନ' ଏବଂ କଠିନ ପରିଶ୍ରମୀ। ଘରୋଇ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଭୂରାଜନୈତିକ ଅସ୍ଥିରତାକୁ ପାର କରେ। ପ୍ରତ୍ୟେକ ବିଭାଗ ସବୁଠାରୁ ପ୍ରମୁଖ ତଥ୍ୟକୁ ସଂଶ୍ଳେଷଣ କରେ, ନୀତିଗତ ପଦକ୍ଷେପଗୁଡିକୁ ହାଇଲାଇଟ୍ କରେ ଏବଂ ଭାରତୀୟ ଅର୍ଥନୀତି ଏବଂ ସମାଜ ଉପରେ ସେମାନଙ୍କର ପ୍ରଭାବର ମୂଲ୍ୟାଙ୍କନ କରେ। ସମସ୍ତ ପରିମାଣାତ୍ମକ ବିବୃତି ଅତି କମରେ ଦୁଇଟି ସ୍ୱାଧୀନ ଉତ୍ସ ଦ୍ୱାରା ସମର୍ଥିତ, ଏବଂ ଯେକୌଣସି ବିସଙ୍ଗତି ଉଲ୍ଲେଖ କରାଯାଇଛି। ସ୍ଥୁଳ ଅର୍ଥନୈତିକ ପ୍ରଦର୍ଶନ ୨.୧ ଏଉଚ ଅଭିବୃଦ୍ଧି ଏବଂ କ୍ଷେତ୍ରୀୟ ଅବଦାନ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ (ଗକ୍ଟଝଚ) ଏବଂ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଓଗର) ଦ୍ୱାରା ଅକ୍ଟୋବର ୨୦୨୫ ଆଉଟଲୁକ୍‌ରେ ସମର୍ଥନ ଅନୁଯାୟୀ, ଭାରତର ପ୍ରକୃତ ମୋଟ ଘରୋଇ ଉତ୍ପାଦ ଏଉଚ ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ସେବା କ୍ଷେତ୍ର ଦ୍ୱାରା ପରିଚାଳିତ ହେଉଥିଲା, ଯାହା ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୯.୩% ବୃଦ୍ଧି ପାଇଥିଲା, ଯେତେବେଳେ ନିର୍ମାଣ ଏକ ସାମାନ୍ୟ ୭.୭% ବୃଦ୍ଧି ପୋଷ୍ଟ କରିଥିଲା। ପ୍ରବଳ ମୌସୁମୀ ପରେ କୃଷି, ସାମଗ୍ରିକ ଅଭିବୃଦ୍ଧିରେ ୩.୫% ଅବଦାନ ଦେଇଥିଲା, ଯାହା ପୂର୍ବ ବର୍ଷର ମାନ୍ଦାବସ୍ଥାରୁ ପୁନରୁଦ୍ଧାରକୁ ଚିହ୍ନିତ କରିଥିଲା। ସେବା କ୍ଷେତ୍ର ବର୍ତମାନ ଏଉଚର ପ୍ରାୟ ୫୫% ଅଟେ, ଯାହା ଏକ ଦଶନ୍ଧି ପୂର୍ବେ ୫୦% ଥିଲା, ଯାହା ଅର୍ଥ, ଓଙ୍ଖ ଏବଂ ବ୍ୟବସାୟ-ପ୍ରକ୍ରିୟା ଆଉଟସୋର୍ସିଂ(ଈଚଙ)ର ନିରନ୍ତର ଡିଜିଟାଲାଇଜେସନ୍ କୁ ପ୍ରତିଫଳିତ କରେ। ଉତ୍ପାଦନ କ୍ଷେତ୍ରର ଅଂଶ ୧୭-୧୮% ରହିଛି, ଅଟୋମୋଟିଭ୍ ଶିଳ୍ପ ଜାପାନକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ ଯାନବାହାନ ଉତ୍ପାଦକ ହୋଇ ଶିରୋନାମାରେ ସ୍ଥାନ ପାଇଛି। ୨.୨ ମୁଦ୍ରାସ୍ଫୀତି, ମୁଦ୍ରାନୀତି ଏବଂ ଆର୍ଥିକ ସ୍ୱାସ୍ଥ୍ୟ ଖାଦ୍ୟ ଏବଂ ଇନ୍ଧନ ମୂଲ୍ୟ ହ୍ରାସ ଦ୍ୱାରା ଗ୍ରାହକ ମୂଲ୍ୟ ସୂଚକାଙ୍କ (ଉଚଓ) ମୁଦ୍ରାସ୍ଫୀତି ଆର୍ଥିକ ବର୍ଷରେ ୪.୯% କୁ ହ୍ରାସ ପାଇଛି, ଯାହା ପୂର୍ବ ବର୍ଷର ୫.୪% ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଜଈଓ) ଏକ ସହନଶୀଳ ମନୋଭାବ ବଜାୟ ରଖିଛି, ନିବେଶକୁ ସମର୍ଥନ କରିବା ପାଇଁ ରେପୋ ହାରକୁ ୬.୫% ରଖିଛି ଏବଂ ମୁଦ୍ରାସ୍ଫୀତିକୁ ଧୀରେ ଧୀରେ ଏହାର ମଧ୍ୟମକାଳୀନ ଲକ୍ଷ୍ୟ ୪% ସହିତ ସମାନ କରୁଛି। ଆର୍ଥିକ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ କେନ୍ଦ୍ର ବଜେଟ ପୁଞ୍ଜି ବ୍ୟୟ ୧୦% ବୃଦ୍ଧି କରିବ ୧୧.୨୧ ଲକ୍ଷ କୋଟି (ପ୍ରାୟ ଆମେରିକୀୟ ଡଲାର ୧୩୧ ବିଲିୟନ) କରିଛି, ଯାହା ଭିତିଭୂମି-ନେତୃତ୍ୱାଧୀନ ଅଭିବୃଦ୍ଧି ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ। ଘରୋଇ ଚାହିଦା ବୃଦ୍ଧି ଏବଂ ଉଚ୍ଚ ଆମଦାନୀ ଶୁଳ୍କ ଯୋଗୁଁ ମୋଟ ଟିକସ ସଂଗ୍ରହ ବର୍ଷ ବର୍ଷ ୧୨.୬% ବୃଦ୍ଧି ପାଇଛି। ୨.୩ ବାହ୍ୟ କ୍ଷେତ୍ର ଏବଂ ବିଦେଶୀ ନିବେଶ ୨୦୨୪ ଶେଷରେ ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ୬୪୦ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ୧୦.୯ ମାସର ଆମଦାନୀ ପୂରଣ କରିବା ପାଇଁ ଯଥେଷ୍ଟ ଥିଲା। ଚଳିତ ଆକାଉଂଟ ନିଅଂଟ ଏଉଚ ର ୧.୨%କୁ ସଙ୍କୁଚିତ ହୋଇଛି, ଯାହା ଏକ ସୁସ୍ଥ ବାଣିଜ୍ୟ ସନ୍ତୁଳନ ଏବଂ ସୁଦୃଢ ସେବା ରପ୍ତାନୀକୁ ପ୍ରତିଫଳିତ କରୁଛି। ୨୦୨୫ ଆର୍ଥିକ ବର୍ଷରେ ବିଦେଶୀ ପ୍ରତ୍ୟକ୍ଷ ନିବେଶ (ଋଉଓ) ପ୍ରବାହ ପୁନର୍ବାର ବୃଦ୍ଧି ପାଇଁ ୧୭.୯% ବୃଦ୍ଧି ପାଇ ୫୫.୬ ବିଲିୟନ ଆମେରିକୀୟ ଡଲାର ହୋଇଛି, ସିଙ୍ଗାପୁର, ମରିସସ୍ ଏବଂ ଯୁକ୍ତରାଷ୍ଟ୍ର ପ୍ରମୁଖ ଉତ୍ସ ଭାବରେ ରହିଛନ୍ତି। ଉଲ୍ଲେଖନୀୟ ଯେ ସଂସଦ ବୀମା କ୍ଷେତ୍ରରେ (ଋଉଓ) ସୀମାକୁ ୧୦୦% ବୃଦ୍ଧି କରିବା ପାଇଁ ଏକ ବିଲ୍ ଅନୁମୋଦନ କରିଛି, ଯାହା ଦ୍ୱାରା ୩୦-୪୦ ବିଲିୟନ ଆମେରୀକୀୟ ଡଲାର ନୂତନ ପୁଞ୍ଜି ଆକର୍ଷିତ ହେବ ଏବଂ ୨୦୨୪ରେ ଏଉଚ ର ୩.୮% ରୁ ୨୦୨୭ ସୁଦ୍ଧା ବୀମା ପ୍ରବେଶକୁ ଆନୁମାନିକ ୫%କୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଭିତିଭୂମି ଏବଂ ଲଜିଷ୍ଟିକ । ରାସ୍ତା ଏବଂ ରାଜପଥ ନିର୍ମାଣ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ରିପୋର୍ଟ କରିଛି ଯେ ୨୦୨୫ ଏପ୍ରିଲ ଏବଂ ଡିସେମ୍ବର ମଧ୍ୟରେ ୫,୮୫୩ କିଲୋମିଟର ଜାତୀୟ ରାଜପଥ ନିର୍ମାଣ କରାଯାଇଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ୬% ବୃଦ୍ଧି ଏସିଆର ସର୍ବବୃହତ ସୁଡଙ୍ଗ ପ୍ରକଳ୍ପର ଏକ ଅଂଶ, ଲଦାଖର ପ୍ରମୁଖ ଜୋଜି-ଲା ସୁଡଙ୍ଗ ୪୦% ସମାପ୍ତିରେ ପହଂଚିଛି, ଯେତେବେଳେ ସଞ୍ଜୟ ଗାନ୍ଧୀ (ଜେଡ୍-ମୋର୍ହ) ସୁଡଙ୍ଗ ଉଦଘାଟନ ନିକଟତର ହୋଇଛି। ସମ୍ପତି ମୁଦ୍ରୀକରଣ ଏବଂ ପାଣ୍ଠି ମଡେଲ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ (ଘଗଚ) ଉପରେ ଆଲୋକପାତ କରିଥିଲେ, ଯାହାର ଲକ୍ଷ୍ୟ ୨୦୨୨-୨୫ ଆର୍ଥିକ ବର୍ଷ ମଧ୍ୟରେ ସମ୍ପତି ବିକ୍ରୟରୁ ୬ଲକ୍ଷ କୋଟି (ଟଝ୧୭୫ବିଲିୟନ) ସଂଗ୍ରହ କରିବା। ୨୦୨୫ ଶେଷ ସୁଦ୍ଧା ୩.୮୬ ଲକ୍ଷ କୋଟି ମୂଲ୍ୟର କାରବାର ସମାପ୍ତ ହୋଇଛି, ମୁଖ୍ୟତଃ ଇନଫ୍ରାକ୍‌ଚର ଇନଭେଷ୍ଟମେଂଟ ଟ୍ରଷ୍ଟ (ଓଭଠଓଞ୍ଜସ୍ୱ) ଏବଂ ଟୋଲ୍-ଅପରେଟ୍-ଟ୍ରାନ୍ସଫର (ଞଓଞ) ମଡେଲ ମାଧ୍ୟମରେ। ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ଭାରତୀୟ ପରିଚାଳନା ସଂସ୍ଥାନ (ଆଇଆଇଏମ୍) ବାଙ୍ଗାଲୋର, ଆଇଆଇଟି କାନପୁର ଏବଂ ଆଇଆଇଟି ଚେନ୍ନାଇର ଏକ ମିଳିତ ଅଧ୍ୟୟନ ସୂଚିତ କରିଛି ଯେ ସଡକ ପରିବହନ ଲଜିଷ୍ଟିକ୍ସ ଖର୍ଚ୍ଚ ୬% ହ୍ରାସ ପାଇଛି। ଏହି ହ୍ରାସ ଡିସେମ୍ବର ୨୬୨୦୨୫ରୁ ଶୂନ୍ୟ ସମୟ ଟୋଲିଂ (ସ୍ୱୟଂଚାଳିତ ଟୋଲ୍ ଡିଡକ୍ସନ୍) ଲାଗୁ ହେବା ଦ୍ୱାରା ହୋଇଛି, ଯାହା ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ୩୦% ପର୍ଯ୍ୟନ୍ତ ହ୍ରାସ କରିବ ବୋଲି ଆଶା କରାଯାଉଛି। ସହରାଂଚଳ ଏବଂ ଗ୍ରାମାଂଚଳ ସଂଯୋଗୀକରଣ ଦିଲ୍ଲୀ-ଏନସିଆର ଅଂଚଳରେ, ସରକାର ଟ୍ରାଫିକ ଭିଡ କମ କରିବା ଏବଂ ବାୟୁ ପ୍ରଦୂଷଣ ହ୍ରାସ କରିବା ପାଇଁ ଏକ ଉତ୍ସର୍ଗୀକୃତ ଭିତିଭୂମି କାର୍ଯ୍ୟକ୍ରମ ପାଇଁ ୧.୫ଲକ୍ଷ କୋଟି (ଯୁକ୍ତରାଷ୍ଟ୍ରୀୟ ୧୯ ବିଲିୟନ) ସ୍ଥିର କରିଛନ୍ତି। ଏହି ସମୟରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପଦକ୍ଷେପ ଏପ୍ରିଲ ଏବଂ ନଭେମ୍ବର ୨୦୨୫ ମଧ୍ୟରେ ୨,୦୩୧ କିଲୋମିଟର ନୂତନ ରେଳ ଲାଇନ ଯୋଡିଛି ଏବଂ ୧୭ଟି ନୂତନ ବନ୍ଦେ ଭାରତ ଟ୍ରେନ ପ୍ରଚଳନ କରିଛି, ଯାହା ସାରା ଦେଶରେ ଯାତ୍ରୀ ସଂଯୋଗୀକରଣକୁ ଉନ୍ନତ କରୁଛି। ଭୂରାଜନୀତି, ବାଣିଜ୍ୟ ଏବଂ ରଣନୈତିକ ସ୍ୱାୟତତା। ଆମେରିକା-ଚୀନ ପ୍ରତିଦ୍ୱନ୍ଦିତାକୁ ଭେଦିବା ୨୦୨୫ ବର୍ଷ, ରଣନୈତିକ ସ୍ୱାୟତତା ସିଦ୍ଧାନ୍ତ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଥିଲା, କାରଣ ଭାରତ ଏକ ଭଗ୍ନ ବିଶ୍ୱ କ୍ରମ ମଧ୍ୟରେ ଯୁକ୍ତରାଷ୍ଟ୍ର ଚୀନ୍ ଏବଂ ରୁଷ ସହିତ ସମ୍ପର୍କ ସନ୍ତୁଳିତ କରିବାକୁ ଚେଷ୍ଟା କରିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକଳାରେ ଯୁକ୍ତରାଷ୍ଟ୍ର ଅଧିକାଂଶ ଭାରତୀୟ ସାମଗ୍ରୀ ଉପରେ ୫୦% ଆମଦାନୀ ଶୁଳ୍କ ଲାଗୁ କରିଥିଲା, ଯେଉଁଥିରେ ରିହାତିପ୍ରାପ୍ତ ରୁଷୀୟ ତେଲ କ୍ରୟ ପାଇଁ ୨୫% ଦଣ୍ଡ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଜବାବରେ ଭାରତ ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ (ଋଋଞଇ) ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଋଞଇ) ସ୍ୱାକ୍ଷର କରି ଏବଂ ଯୁକ୍ତରାଜ୍ୟ, ୟୁରୋପୀୟ ସଂଘ, ଚିଲି, ନ୍ୟୁଜିଲ୍ୟାଣ୍ଡ ଏବଂ କାନାଡା ସହିତ ଆଲୋଚନାକୁ ଆଗକୁ ବଢାଇ ଏହାର ରପ୍ତାନୀ ବଜାରକୁ ବିବିଧ କରିଥିଲା। ଶୁଳ୍କ ମଧ୍ୟରେ ବାଣିଜ୍ୟ ପ୍ରଦର୍ଶନ ଶୁଳ୍କ ଆଘାତ ସତ୍ତ୍ୱେ, ଭାରତର ସାମଗ୍ରିକ ସାମଗ୍ରୀ ରପ୍ତାନୀ ଏପ୍ରିଲ-ନଭେମ୍ବର ୨୦୨୫ ଅବଧିରେ ୨.୬% ବୃଦ୍ଧି ପାଇଁ ୨୯୨ ବିଲିୟନ ଆମେରକୀୟ ଡଲାରରେ ପହଂଚିଛି। ରପ୍ତାନୀ ପ୍ରୋତ୍ସାହନ ମିଶନ ସୁଧ ସମୀକରଣ ଯୋଜନା ଏବଂ ବଜାର ପ୍ରବେଶ ପଦକ୍ଷେପ ପୁନଃ ପ୍ରଚଳନ କରିଛି, ଯାହା ରପ୍ତାନୀକାରୀମାନଙ୍କୁ ଅତ୍ୟନ୍ତ ଆବଶ୍ୟକ ସହାୟତା ପ୍ରଦାନ କରୁଛି। ସେବା ରପ୍ତାନୀ ବୃଦ୍ଧି ପାଇବା ଜାରି ରଖିଛି, ସେହି ସମୟ ମଧ୍ୟରେ ୧୨.୮% ବୃଦ୍ଧି ପାଇଛି, ଟେଲିକଯୋଗାଯୋଗ, କମ୍ପ୍ୟୁଟର ଏବଂ ସୂଚନା ସେବା ଦ୍ୱାରା ପରିଚାଳିତ। କୂଟନୈତିକ ସନ୍ତୁଳନ ଆଇନ ଭାରତ ଇସ୍ରାଏଲ ପାଲେଷ୍ଟାଇନ ବିବାଦ ଉପରେ ଏକ ନିରପେକ୍ଷ ମନୋଭବ ବଜାୟ ରଖିଛି, ଇସ୍ରାଏଲ ଏବଂ ଉପସାଗରୀୟ ରାଷ୍ଟ୍ର ଉଭୟ ସହିତ ସମ୍ପର୍କ ସଂରକ୍ଷଣ କରି ଦୁଇ ରାଷ୍ଟ୍ର ସମାଧାନକୁ ସମର୍ଥନ କରୁଛି। ଭାରତ-ଓମାନ ଋଞଇ ସ୍ୱାକ୍ଷରର ନିକଟତର ହେଲା ଏବଂ ଇସ୍ରାଏଲ ସହିତ ଅନୁସନ୍ଧାନମୂଳକ ଆଲୋଚନ ଆରମ୍ଭ ହେଲା, ଯାହା ମଧ୍ୟ-ପୂର୍ବ କୂଟନୀତି ପ୍ରତି ଏକ କ୍ରମିତ ଆଭିମୁଖ୍ୟକୁ ପ୍ରତିଫଳିତ କରେ।

# ବିଶ୍ୱ ରାଜନୀତିରେ ଅନିଶ୍ଚୟତା

ମାୟାଧର ନାୟକ

ବିଶ୍ୱ ରାଜନୀତିକୁ ପ୍ରବେଶକରିବା ପୂର୍ବରୁ ଭାରତୀୟ ରାଜନୀତି ସଂପର୍କରେ କିଛି କଥା। ଆମେ ଯଦି ଏଇ କେତେବର୍ଷର ଭାରତର ଇତିହାସକୁ ଲକ୍ଷ୍ୟ କରିବା – ତା'ହେଲେ ଆମ ନେତାମାନଙ୍କର ହୀନମନ୍ୟତା, ତାଙ୍କ ପୂର୍ବସୂରିମାନେ କରିଥିବା ଭୁଲ ଏବଂ ଅକ୍ଷମଣୀୟ କାର୍ଯ୍ୟରୁ କିଛି ଶିଖିବାଭଳି ମନେହେଉନି। ୧୯୭୫ରେ ସେତେବେଳର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ଜୁନ୍ ୨୬ ତାରିଖରେ। ରାତାରାତି ଦେଶର ଜୟପ୍ରକାଶ ନାରାୟଣଙ୍କ ସମେତ ବହୁ ତୁଙ୍ଗନେତାଙ୍କୁ ବନ୍ଦୀକଲେ। ଆମ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଗିର'ହୋଇ କଟକ ସେଂଟ୍ରାଲ ଜେଲରେ ରହିଲେ। ଏ ଅଧୀନ ପରଦିନ ଗିରଫ ହୋଇ ସେଇ ଜେଲକୁ ଆସିଲା। ଜରୁରୀକାଳୀନ ପରିସ୍ଥିତିରେ ଇନ୍ଦିରା ଗାନ୍ଧୀଙ୍କ ସାନପୁତ୍ର ସଞ୍ଜିବ ଗାନ୍ଧୀଙ୍କ ମନମାନି ରାଜୁତି ଚାଲିଲା। କଂଗ୍ରେସଦଳର ମହାମହାନେତା ଯୁବକ ରାଜୀବ ଗାନ୍ଧୀଙ୍କୁ ଭୟ-ଖୋସାମତ କରିବାକୁ ବ୍ୟସ୍ତ ହେଲେ। ଗଣମାଧ୍ୟମ, ଦେଶବାସୀ ଭୟଭୀତ। କିନ୍ତୁ ଭିତରେ ଭିତରେ 'ନିରବ ବିପ୍ଳବ' ଚାଲିଲା। ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠାଇ ସାଧାରଣ ନିର୍ବାଚନ ଘୋଷଣା ହେଲା। ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଛ'ଦଳିଆ ମେଂଟ ଭାରତୀୟ ଜନତା ଦଳ ଗଠନକରି କଂଗ୍ରେସ ବିରୋଧରେ ଲଢିଲେ। ଇନ୍ଦିରା ଗାନ୍ଧୀ ହାରିଗଲେ। ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱରେ ସରକାର ଚାଲିଲା। ସେତେବେଳେ ପୂର୍ବ ଜନସଂଘର ବାଜପେୟୀ, ଆଡଭାନୀ ଦୁଇଜଣ ଜିତି ମନ୍ତ୍ରୀହୋଇଗଲେ। ଏଇ ଛ'ଦଳିଆ ନେତାଙ୍କ ମଧ୍ୟରେ ସ୍ୱାର୍ଥ ଅହଂକାର ପାଇଁ ୧୨ ଦଳରେ ବିଭକ୍ତ ହେଲେ। ୧୯୮୦ ମସିହାରେ ସାଧାରଣ ନିର୍ବାଚନ। ପୁଣି ଇନ୍ଦିରା ଗାନ୍ଧୀ ବହୁମତରେ ଜୟଲାଭକରି ପ୍ରଧାନମନ୍ତ୍ରୀ ଗାଦିରେ ବସିଲେ। ସବୁଠ ବେଶି ଦୁଃଖଦାୟକ ହେଲା – ଇନ୍ଦିରା ଗାନ୍ଧୀ କିଂବା ବିରୋଧୀଦଳ ତାଙ୍କ ବିଫଳତାରୁ କିଛି ଶିଖିଲେ ନାହିଁ।

ଇନ୍ଦିରା ଗାନ୍ଧୀ ତାଙ୍କ ୩ୟ ପାଳିରେ ଦେଶବାସୀଙ୍କୁ ସ୍ୱଚ୍ଛ ପିଇବାପାଣି, ସବୁଘରକୁ ବିଜୁଳିଆଲୁଅ ଦେବାପାଇଁ ଘୋଷଣା କଲେ। ଏହି ଘୋଷଣାର ସପ୍ତାହକ ଭିତରେ ବଡ଼ଦୁର୍ନୀତି ମୁଣ୍ଡଟେକିଲା। ବଜେଟର ଅର୍ଥବ୍ୟବସ୍ଥାରେ ପରିବର୍ତନକରି ଯେଉଁମାନେ ଇନ୍ଦିରା ଗାନ୍ଧୀ ଯେତେବେଳେ କ୍ଷମତାରେ ନଥିଲେ – ସାହାଯ୍ୟସହଯୋଗ କରିଥିଲେ – ସେମାନେ ସବୁ ସୁବିଧାସୁଯୋଗ ପାଇଲେ। ଲଣ୍ଡନରେ ବ୍ୟବସାୟ କରୁଥିବା ବେପାରୀ ସ୍ୱରାଜ ପାଲ, ଅରୁଣ ଭଗତ ରାମ, ରାଜନ ନନ୍ଦା ପ୍ରମୁଖ ଯେଉଁମାନେ ରାଜୀବ ଗାନ୍ଧୀ ଡୁନ୍ ସ୍କୁଲରେ ସହପାଠୀ ଥିଲେ – ସେମାନେ ଏର୍ସକଟ୍ ଓ ଡି.ସି.ଏମ୍.ରେ ଲକ୍ଷଲକ୍ଷ କୋଟି ଡଲାର ଖଟାଇଥିଲେ। ବିଜୁ ପଟ୍ଟନାୟକ ସ୍ୱରାଜ ପାଲକୁ ଆଣି କଳିଙ୍ଗନଗର ଜଖପୁରାରେ ଇସ୍ପାତକାରଖାନା କରିବାପାଇଁ ଦୁଇଟି କଦମ୍ବଗଛ ପୋତି ଶୁଭଦେଲେ। ୧୯୮୦ରୁ ଆଜି ୨୦୨୩ ମସିହା ସେ କଦମ୍ବଗଛ ନାହିଁ କି ସ୍ୱରାଜ ପାଲ ମାଟିରେ ଖୁଂଟ ପୋତିନି। ସେଇ ୧୯୮୦ ମସିହାରେ ରଂଗିନ୍ ଟିଭିର ପ୍ରଚଳନକରି ୧୯୮୨ ମସିହାରେ 'ଏସିଆନ୍ ଗେମସ୍' ଅନ୍ୟାନ୍ୟ ବିଶ୍ୱସଂସ୍ଥାର ପ୍ରଚାରକରାଯାଇ ଇନ୍ଦିରା ଗାନ୍ଧୀଙ୍କୁ ବିଶ୍ୱନେତା ଭାବେ କଂଗ୍ରେସଦଳ ଧୂମ୍ ପ୍ରଚାର କଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ଖଲିସ୍ଥାନ ଉଗ୍ରବାଦୀଙ୍କୁ ଦମନକରିବା ଫଳରେ ତାଙ୍କର ପତନ ଆରମ୍ଭ ହେଲା। ଶିଖ୍ ସଂପ୍ରଦାୟର ଜଣେ ଦେହରକ୍ଷୀ ଗୁଳିରେ ସବୁଦିନପାଇଁ ଟଳିପଡିଲେ।

୧୯୮୫ରେ ସାଧାରଣ ନିର୍ବାଚନରେ ତାଙ୍କ ବଡ଼ପୁଅ ପାଇଲଟ୍ ରାଜୀବ ଗାନ୍ଧୀ ମା' ଛେଉଣ୍ଡ ପୁଅ କହି ଭୋଟ୍ ଭିକ୍ଷାକଲେ – ଜିତିଲେ – ପ୍ରଧାନମନ୍ତ୍ରୀ ହୋଇ ସରକାର ଚଳାଇଲେ। ରାଜୀବ ଗାନ୍ଧୀ ମଧ୍ୟ କିଛି ଶିଖିଲେ ନାହିଁ। ଶ୍ରୀଲଙ୍କା ତାମିଲ ସଂପର୍କିତ ଘଟଣାରେ ତାଙ୍କୁ ଗୁଳିକରି ହତ୍ୟାକରାଗଲା। ଏଇ ୧୯୮୫ରୁ ୨୦୧୪ ପର୍ଯ୍ୟନ୍ତ ପି.ଭି. ନରସିଂହ ରାଓ, ମନମୋହନ ସିଂ, ଭି.ପି. ସିଂ, ଆଇ.କେ. ଗୁଜରାଲ, ଦେବଗୌଡା, ଚରଣ ସିଂ, ଅଟଳ ବିହାରୀ ବାଜପେୟୀ ପ୍ରମୁଖ କେତେ ପ୍ରଧାନମନ୍ତ୍ରୀ ଗଲେଣି। ଏବେ ନରେନ୍ଦ୍ର ଦାମୋଦର ମୋଦି ପ୍ରଧାନମନ୍ତ୍ରୀ ଅଛନ୍ତି।

କାଶ୍ମୀରରେ ମାନବାଧିକାର ଉଲ୍ଲଂଘନ, ଉତରପ୍ରଦେଶ, ମଣିପୁରରେ ହିଂସା। ଖ୍ରୀଷ୍ଟିୟାନ୍ ପାଦ୍ରି ଓ ଚର୍ଚ୍ଚ ଉପରେ ଆକ୍ରମଣ ଦେଶର ବିଭିନ୍ନସ୍ଥାନରେ ଘଟିଚାଲିଛି। ଆମେରିକା ରାଷ୍ଟ୍ରପତି ବାଇଡେନ୍ ମୋଦିଜୀଙ୍କୁ ଭଲଦୃଷ୍ଟିରେ ଦେଖିବେ କି? ଏଣେ ରୁଷ-ୟୁକ୍ରେନ ଯୁଦ୍ଧ ବର୍ଷାଧିକକାଳ ଚାଲିଛି। ଭାରତ ଡିଜେଲ ପାଇଁ ରୁଷକୁ ବିରୋଧ କରିପାରୁନି କି ମାନବିକତା ଦୃଷ୍ଟିକୋଣରୁ ୟୁକ୍ରେନକୁ ସମର୍ଥନ କରିପାରୁନି। ନିରବ ରହିବା ଅର୍ଥ ଅନ୍ୟାୟକୁ ସମର୍ଥନ କରିବା ନୀତିରେ ଭାରତ ବଡ଼ ଅଡୁଆରେ ପଡିଛି। ଖାଲି ଭାଷଣରେ କାମ ହୁଏନି – କଥା ଓ କାମରେ ଫରକ ରହିଲେ ଇଜ୍ଜତ ରହିବ ତ? ଏବେ ଖାଲି ଧୂମ୍ ପ୍ରଚାର। ମୋଦିଜୀ ବିଶ୍ୱଗୁରୁ ହେବାକୁ ଯାଉଛନ୍ତି।

ଆପଣମାନଙ୍କର ସ୍ମରଣ ଥିବ - ଆଲେକ୍‌ଜାଣ୍ଡାର ବିଶ୍ୱବିଜୟୀ ହେବାକୁ ଚାହିଁଥିଲେ – ସେ ସବୁଠୁ ବଡ଼ଭିକାରି ହୋଇ ୩୩ବର୍ଷରେ ମରିଗଲେ। ହିଟ୍‌ଲର୍ ପୃଥିବୀର ହିରୋ ହେବାକୁ ଯାଇ ଶେଷରେ ଜିରୋ ହୋଇଗଲେ। ଏଇଭଳି ଗଦାଗଦା ଉଦାହରଣ ଅଛି। ଟାଟା କମ୍ପାନୀ ଆମ ଓଡିଶାରୁ ଲୁହାପଥର, କ୍ରୋମାଇଟ୍ ନେଇ ଜାମସେଦ୍‌ପୁରରେ ୧୯୦୭ରେ ଷ୍ଟିଲପ୍ଲାଂଟ୍ ଓ ୨୦୦୭ରେ କଳିଙ୍ଗନଗରରେ ଷ୍ଟିଲ୍‌ପ୍ଲାଂଟ୍ କଲା। ଲୁଣ୍ଠୁ ଉଡାଜାହାଜ ବିକି ଧନୀ। କଂଗ୍ରେସ ସରକାରଙ୍କୁ ଏକପ୍ରକାର ଚଳାଉଥିଲା। ଆମ ଓଡିଶାରୁ ଜମି, ଜଳ, ଖଣି ବିଜୁଳିନେଇ ଠକିଦେଲା। ଗୋପାଳପୁରରେ ତା'ଦ୍ୱାରା ନିର୍ମିତ ଡାକ୍ତରଖାନାକୁ ବିକିବାକୁ ଟେଣ୍ଡର ଡାକିଲା। ବର୍ଷବର୍ଷର ଖାତିରି ପାଣିରେ ମିଳେଇଯାଉଛି।

ସବୁଠୁ ବେଶି ଭୟଙ୍କର ଭାବେ ଭାରତ ବିଶ୍ୱଦୁର୍ନୀତିର ନାଗଫାଶରେ ପଡିଯାଇଛି। ବିଶ୍ୱର ଦୁଇନମ୍ବର ଧନୀ ଗୌତମ ଆଦାନୀକୁ ମୋଦିଜୀ ଆଖିବୁଜି ସବୁକିଛି ଠିକାଦାରୀ କାମ ସମର୍ପିଦେଲେ। ଏ ଆଦାନୀ ମହାଶୟ ସବୁବ୍ୟବସାୟରେ ମୁଣ୍ଡପୂରାଇ ବିଜେପି ସରକାରକୁ ଏକପ୍ରକାର ଚଳାଉଥିଲା – ଏବେ ଦାଣ୍ଡର ଭିକାରି ହେବାକୁ ଯାଉଛନ୍ତି। ଆଉ ମୁକେଶ ଅମ୍ବାନୀବାବୁ ପବନ ବିକି ସବୁ ଭାରତୀୟଙ୍କ ଅର୍ଥମୁଣିକୁ କଣା କରିଦେଇଛି। ତାକୁ ବି ସରକାର ସବୁ ସୁବିଧାସୁଯୋଗ ଦେଇଛନ୍ତି। ମୁକେଶ ଅମ୍ବାନୀ ପତ୍ନୀପୁତ୍ରମାନଙ୍କ କଥା ଶୁଣିଲେ ଭାରତର କୋଟିକୋଟି ଜନଗଣ ମୁଣ୍ଡରେ ହାତ ଦେଉଛନ୍ତି। ଅମ୍ବାନୀପତ୍ନୀ ନୀତା ୧୯୦ କୋଟି ଟଙ୍କାର ମୋବାଇଲ ଧରୁଛନ୍ତି। ୪୦୦ କୋଟି ଟଙ୍କାର ହୀରା ଉପହାର ଦେଉଛନ୍ତି। ତାଙ୍କ ଧନପାଖରେ ଚଳଚ୍ଚିତ୍ରଜଗତର ହିରୋହିରୋଇନମାନେ ଲାଇନ୍ ଲଗାଇଛନ୍ତି। ଜଣେ ଧନୀ ହୋଇପାରେ – ସେ ସମାଜକୁ କ'ଣ ଶିକ୍ଷା ଦେଉଛି – ଏତେ ଛଇଛଟକ କାହିଁକି? ଏବେ ବିଦେଶରେ ତାଙ୍କ ଭିସା ଜାଲପାଇଁ କୋଟିକୋଟିଟଙ୍କା ଜୋରିମାନା ଦେଇଛନ୍ତି। କେବଳ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ଟାଟା କମ୍ପାନୀ ନୁହେଁ – ଆହୁରି ଅନେକ ଶିଳ୍ପପତି ଲାଭର ଲୋଭରେ ପଡି ସରକାରଙ୍କଠାରୁ ସବୁ ସୁବିଧାସୁଯୋଗ ନେଇ ଜନଗଣଙ୍କ ସଂପତି ରାତିଦିନ ଲୁଟ୍ କରିବାରେ ବ୍ୟସ୍ତ। ଏ ରଙ୍ଗ ସବୁଦିନ ପାଇଁ ରହିବ ତ?

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ବାୟୁମଣ୍ଡଳରେ କି ଦୋଷ ହେଲା ?

*ଉତ୍କଳାନନ୍ଦ ଅଜୟ କୁମାର ବେହେରା*

ଆକର୍ଷକ ଏକଗୀତ 'ଏତ କଳି କାଳ ରୀତି' ଗୀତଟି ଆଜି ବହୁବର୍ଷ ପରେ ଭାବନା ଆଣୁଛି, ସମୟ ଅଗ୍ରଗାମୀ ହେବା ପୂର୍ବରୁ ତାଙ୍କ ଚଲାପଥକୁ ସମୟ ରାଜାଙ୍କ ନୌକାର ହୁଏ ପରିଷ୍କାର କରି ଚାଲୁଛନ୍ତି, ପୂର୍ବେ ଜମିଦାର ରାଜା ମହାତ୍ମାମାନେ, କେଉଁ ଆଡ଼େଗଲେ ଏମିତି ଅଗ୍ରୀମ ଦେଲେ ପଥ ସଫା କରିରି ଯାଉଥିଲେ, ରାଜା ବିଜେକଲେ ଡାକୁଆ 'ଯା ଅଡ଼ିଆ ଛମୁ ଛାଡ଼' ଡାକି ଆଗେ ଆଗେ ଚାଲୁଥାନ୍ତି। ସବାରୀ ବାହକଙ୍କ 'ହୁମରା ବାହି' ଡାକଟି ବହୁଦୂରକୁ ଶୁଭେ। କୌଣସି ବୃହତ ବୃକ୍ଷ ଛେନ ବେଳେ ମହାବାତ୍ୟା ଉଗ୍ର ପବନରେ ବୃକ୍ଷଟି ଧରାଶାୟୀ ପୂର୍ବରୁ ଏକ ବିକଟ ଡାକ ଦିଏ, ଶରାଘାତ, ବନ୍ଧୁକ ଗୁଳି ଘାତ ପକ୍ଷୀ ବା ପଶୁ ଜୀବନ ଛାଡ଼ିଲା ବେଳେ ଆର୍ତ୍ତନାଦ କରିଥାନ୍ତି। ନିରୀହଙ୍କୁ ଦଣ୍ଡ କଷ୍ଟ ଦିଆଗଲା ବେଳେ ସେ ବିକଳ କାନ୍ଦଣା କରନ୍ତି।

ଏହି ସବୁ ନଜିର ପରି କଳିଯୁଗ ପଧାରୁଛନ୍ତି, ଏପରି ଆଗୁଆ ରଙ୍ଗ ଲାଗି କ୍ରମ ଆଗଉଛି, ଏକ ବ୍ରହ୍ମା ସୃଷ୍ଟି 'ଚାରି କାଳ'ରୂପୀ ସନ୍ତାନ, ସାନପିଲା କୋଡ଼ ପୋଛା ସନ୍ତାନ ଭାରୀ ଗେହ୍ଲା ନିଶ୍ଚୟ, ସେ ଏଇ କଳିଯୁଗ, ତାଙ୍କର ପ୍ରବେଶକୁ ମର୍ତ୍ତ୍ୟର ରାଜା ପଣ୍ଡବ ଦାୟାଦ 'ପରୀକ୍ଷିତ ସେ କେମିତି, ସେ ମାତୃ ଗର୍ଭରେ ଥିବାବେଳେ, ପ୍ରତିବେଳରେ ଗର୍ଭପାତ, ଗର୍ଭନଷ୍ଟ ଭୟ, ପାଣ୍ଡବଙ୍କ ଗୁରୁଦ୍ରୋଣ ତାଙ୍କୁ ଯୁଦ୍ଧରେ ତାଙ୍କ ପ୍ରିୟ ଶିଷ୍ୟ ଅର୍ଜ୍ଜୁନ ନିପାତ କରଛନ୍ତି ଯୁଧିଷ୍ଠିର ସତ୍ୟସନ୍ଧ ମାତ୍ର ଦ୍ୱି ଅର୍ଥ ଭାବର ଶବ୍ଦ ପ୍ରୟୋଗ କରାଇ ହାତୀ ମନୁଷ୍ୟ ନାମ ସାମ୍ୟକୁ ଯୁଦ୍ଧ କୌଶଳରେ ପ୍ରୟୋଗ କରି କାହାର ସମ୍ପୂର୍ଣ୍ଣ ଭବିଷ୍ୟତ ଉତ୍ତରାଧିକାର, ପୁତ୍ର ନାଶ, ବଂଶକ୍ଷୟ ହେବା ଶୁଣିବାକୁ ପାଇଲେ ତାର ବଞ୍ଚିବା ବୃଥା ଭାବି ମୋହ ଗ୍ରସ୍ତରୁ ସମ୍ବିତ ନଷ୍ଟ ହୋଇଗଲା। ଏଇଥରୁ ଛିଦ୍ର ନେଇକି ତାଙ୍କୁ ଜୀବନରୁ ଶେଷ ହେବାକୁ ହୋଇଛି। ମୃତ୍ୟୁ ଘଣ୍ଟିର ସଙ୍କେତ ଏମିତି କେତେ ପ୍ରକାରରେ ବ୍ୟକତିଗତ ଜୀବନରେ ଆସୁଥିଲାବେଳେ ବହୁ ସାମୁହିକ ଜୀବନ ପାଇଁ ମୃତ୍ୟୁଘଣ୍ଟି ବାଜିଥାଏ, ଶବ୍ଦ ଶୁଣିବା ଅନୁଭବ ଭିନ୍ନ ମନା, ବିଷୟ ଅନ୍ୟରେ ମଜଗୁଲ ଥିଲେ ତାଣ୍ଡବ ଛାଡ଼େ ନାହିଁ। କେହି ବି ଅଧିକ ସୁଖ ଆଶାକରି ଅନ୍ୟାୟ ପଥରେ ଆୟ ଆଶା କରିବାକୁ ବା ଅୟସ, ମାନସ କରନ୍ତି, 'ବିଷୟ'ର ଆଦ୍ୟ ଦୁଇ ଅକ୍ଷର ବିଷ ପ୍ରଥମରୁ ଧିର ଶୋଷକ, ଘାତକ ହୋଇ ଶେଷରେ ମହାଘାତକ ହୋଇଯାଏ। ଦେଖ କେତେ ଲାଞ୍ଚ, ରିସିପତ, ଘୁଷ୍ ଖୋର, ବ୍ୟକ୍ତି କେତେ ଅୟସ କେତେ ଥାଟରେ ବହୁ ଦରମା ଟଙ୍କା, ଗସ୍ତ ଖର୍ଚ୍ଚା ପାଉଥିଲେ ଚାକିରୀ ପରେ ପେନସନ ଉପଭୋକ୍ତା ହକ, ଗଣ୍ଡା ଗଣ୍ଡା ବୋଲକରା, ଏସବୁ କେବେ ଧରା ପଡ଼ିଗଲେ ଦରିଦ୍ରର ଚରମସୀମାରେ ଘର କୋଣରେ କାନ୍ଦାଏ, ପସ୍ତେଇ ପସ୍ତେଇ ଅକାଳ ମୃତ୍ୟୁ ଦେଇପାରେ। ମିଠା, ବିଷ, ଡାଇବେଟିସ କରୁଛି, ହେଲେ ଲାକ୍ଷ ଲାକ୍ଷ ଗୁଡ଼ିଆ ଦୋକାନ, ମିଠା ଉପହାର ସାମଗ୍ରୀ, ଅନଳରେ ପତଙ୍ଗ ପଡୁଛନ୍ତି, ଜଳି ଶେଷ ହେଉଛନ୍ତି ହେଲେ ସେହି ଜୀବନ୍ତ ପତଙ୍ଗମାନେ ପୁଣି ସବୁ ଦେଖି ବି ସେହି ଅନଳରେ କାଳଗତିରେ ପୁନଃ ପୁନଃ ଝାସ ଦେଉଛନ୍ତି।

ସବୁ ଶବ୍ଦ ପ୍ରତ୍ୟେକ ଜୀବଙ୍କ ମୁଖରୁ ବାହାରି ଯାଇ ବାୟୁ ମାର୍ଫତ ଉଦ୍ଦିଷ୍ଟ ବ୍ୟକ୍ତିକୁ କ୍ରିୟାଶୀଳ କରାଇବା ସହ ଶୂନ୍ୟରେ ତାହା ଅଦୃଶ୍ୟ ରେକର୍ଡ଼ର ରହିଯାଏ, ଯଦି ଏହା ଶୁଭଦ ସାତ୍ତ୍ୱିକ, ଈଶ୍ୱରାର୍ପିତ, ତେବେ ଏ ଶବ୍ଦ ଲୋକଟି ଯୁଆଡ଼େ ଯିବ ତାକୁ ଘେରି ସେହି ଶବ୍ଦ ତାଙ୍କୁ ରକ୍ଷା କରୁଥିବ ଯଦି ତାମସିକ ଶବ୍ଦ ତେବେ ଯୁଆଡ଼େ ଯିବ ସର୍ବତ୍ରଝିନ ଝନ ମନକୁ ମନ ସୃଷ୍ଟି ହୋଇଥାଏ। ସେପରି ପରିସ୍ଥିତି ହୋଇଯାଏ, ଈଶ୍ୱର ଉଦ୍ଦିଷ୍ଟ ଚିନ୍ତାଧାରା, ଧର୍ମବଳ ଅର୍ଜିତ, ବିହିତ ଲୋକାଚାର, ସାମ୍ବିଧାନିକ ଆଚରଣ ଆଦି ମାନୁଥିବା ବ୍ୟକ୍ତିଙ୍କୁ ତାଙ୍କ ବାଣୀ ବ୍ୟବହାର ସଦା ରକ୍ଷା କରିଥାଏ। ଏପରି ବହୁ ବ୍ୟକ୍ତିଙ୍କ ପାଇ ସଂସାରପାଳନକାରୀ ଅଦୃଶ୍ୟ ବିଷ୍ଣୁଙ୍କ ଚକ୍ର ସୁଦର୍ଶନ ଜଗି ରଖି ରହିଥାନ୍ତି। ଆବଶ୍ୟକରେ ପ୍ରଭୁ ଅବତାର ହୁଅନ୍ତି। ତାଙ୍କ ଅଦୃଶ୍ୟ ଇଙ୍ଗିତରେ ପ୍ରଶାସନ ମାନଙ୍କର ସମ୍ବିଧାନ ବଦଳୁଛି, କେବଳ ଅବହେଳିତ, ଦଳିତଙ୍କୁ ରକ୍ଷା ଠାକୁରଙ୍କ ଉଦ୍ଦେଶ୍ୟରେ। ଯଦି ରାକ୍ଷସ ପ୍ରଶାସନ ହୋଇ କାନୁନ ଓଲଟ ବା ମୁଷ୍ଟିମେୟଙ୍କ ପାଇଁ କରିବେ ତେବେ ବିଷ୍ଣୁ ଚକ୍ର ସୁଦର୍ଶନ ତାଙ୍କୁ ଛାଡ଼ିବନାହିଁ କାଟିବ ହିଁ କାଟିବ। ଏବେ ବ୍ୟକ୍ତି ପ୍ରଶାସନ ନୁହେଁ, ଦଳ ପ୍ରଶାସନ, ଦଳକୁ ଚକ୍ର ରକ୍ଷା କରେ ସମୂହ ସ୍ୱାର୍ଥ ସହାୟକ ଥିବା ପର୍ଯ୍ୟନ୍ତ, ଚାଲିଲେ ନିଜେ ଚକ୍ରରେ ଛିନ୍ନ ଭିନ୍ନ ହୋଇଯିବେ। ଶାଶ୍ୱତ ମାର୍ଗରୁ କେହି ବି ଟଳନ୍ତୁ ନାହିଁ, ପରିବେଶ ସହ ବାୟୁ ମଣ୍ଡଳ ଜଡ଼ିତ, ଆଜି ସବୁ ନଦୀ ଜଳ ଦୂଷିତ ସବୁ ସ୍ଥାନରୁ ଗଛ କଟାଯାଉଥିବାବେଳେ ବିଷାକ୍ତ ବାଷ୍ପ ବାୟୁ ମଣ୍ଡଳ ବିଷାକ୍ତ କରୁଛି। କପଟ, ମିଥ୍ୟା କଥାରେ ଲୋକଚରିତ୍ର, ସାଧୁ ସନ୍ନ୍ୟାସୀ ଭେକରେ ବହୁ ଭଣ୍ଡ ଆଶ୍ୱାସନା। ବନଶୀ କଣ୍ଟା ଥୋପରେ ଅନେକ ନିରୀହ ଖାଲେଇକୁ ଚାଲିଯାଉଛନ୍ତି, ଏହା ଧାନ ମୋହ, ଦ୍ରବ୍ୟ, ଲାଳସା, କପଟ ଆଚରଣ ବେଳକୁ ବେଳ ଲୋକରେ ବଢ଼ି ଚାଲିବାରୁ ବାୟୁମଣ୍ଡଳ ପ୍ରବଳ ଦୂଷିତ ହୋଇଯାଉଛି। ଦେଖ କୁହାଯାଉଛି ଭାରତ ଭୂଖଣ୍ଡ ଏବେ ବହୁ ବିକଶିତ, 'ଗହଣା ପିନ୍ଧିଲେ ଘୋଡ଼ାଇ ଚାଲ' ନିତି ବର୍ଜନ କରାଯାଇ ସର୍ବତ୍ର ବିଜ୍ଞାପନ, ଦେଶରେ ବିଦେଶୀଙ୍କ ମାଳ ମାଳ ଗୁପ୍ତଚର, ବାୟୁ କୋଣର ପାକିସ୍ତାନ, ଭାରତ ସାରା ଅବିଶ୍ୱାସର ବାତାବରଣ ସୃଷ୍ଟି କରିସାରିଲାଣି। ବାୟୁ କୋଣକୁ ସଦା ସାବଧାନ, ନିଶ୍ୱାସକୁ ବିଶ୍ୱାସ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ବେଳ ଥାଉ ହୁଅ ସାବଧାନ

ଡକ୍ଟର ସୁରେଶ କୁମାର ନାୟକ

ବେଳେ ବେଳେ ପିଲା ଖରାପ ସାଙ୍ଗଙ୍କ ସହ ପଡ଼ି ଯାଆନ୍ତି। ଯାହାଫଳରେ ତାଙ୍କ ଭିତରେ କେତେକ ଖରାପ ଅଭ୍ୟାସ ବିକଶିତ ହେବାକୁ ଲାଗେ। ଅନେକ ସମୟରେ ତାଙ୍କଠାରେ ଭାଷାର ଶାଳୀନତାର ଅଭାବ ହୁଏ। ଏପରି କି ଖରାପ କଥା କହିବାକୁ ପଛାଇ ନଥାଏ। ସାମାନ୍ୟ କଥାରେ ଅନ୍ୟ ପିଲାଙ୍କୁ ମାଡ଼ପିଟ ଯଦି କରେ ତେବେ ବୁଝି ନିଅନ୍ତୁ ସେ ବିଗିଡ଼ିଗଲାଣି। ଯଦି ଆପଣ ଜାଣିବାକୁ ଚାହାଁନ୍ତି ପିଲା ଖରାପ ସାଙ୍ଗମାନଙ୍କ ସହ ପଡ଼ି ଏପରି ବ୍ୟବହାର କରୁଛି ତେବେ ନିମ୍ନ ଲିଖିତ ବିଷୟକୁ ନଜର ଦେଇପାରନ୍ତି।

ସବୁ ମାତାପିତା ଚାହାନ୍ତି ତାଙ୍କ ପିଲା ଭଲ ମଣିଷଟିଏ ହେଉ। ଉତ୍ତମ ଶିକ୍ଷା, ଅନ୍ୟ ମାନଙ୍କ ସହ କିପରି ବ୍ୟବହାର କରିବ ଏହା ପ୍ରାୟ ପିଲାମାନେ ଛୋଟବେଳୁ ଶିଖିଥାଆନ୍ତି। ଏହାପରେ ବି କିଛି ପିଲା ଖରାପ ରାସ୍ତାରେ ପାଦ ରଖି ଦିଅନ୍ତି। ଖରାପ ସାଙ୍ଗମାନଙ୍କ ସହ ମିଶିବା ଯୋଗୁ ସେମାନଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇଥାଏ। ଏମିତିକା ପିଲା ମାତା ପିତାଙ୍କୁ ସବୁ କଥା ଲୁଚାଇଥାନ୍ତି ଆଉ କଥା କଥାରେ ଝଗଡ଼ା କରିବାକୁ ଲାଗନ୍ତି। ମିଛି କହିବା ମଧ୍ୟ ଆରମ୍ଭ କରିଦେଇଥାନ୍ତି। ମାତାପିତାଙ୍କୁକଥା ଓଲଟାଇ ପ୍ରତି ଉତ୍ତର ଦେବାକୁ ମଧ୍ୟ ପଛାନ୍ତି ନାହିଁ। ଏହି ସବୁ ସମସ୍ୟା ୧୦-୧୨ ବର୍ଷ ପିଲାଙ୍କ ଠାରେ ଦେଖିବାକୁ ମିଳେ।

ସବୁବେଳେ ଗୋଟିଏ କଥା ଧ୍ୟାନରେ ରଖିବେ ପିଲା ନିଜ ପାଖଆଖରେ ଯାହା ଦେଖିବେ, ଶୁଣିବେ ସେଇଆ ହିଁ କରିବେ। ସ୍କୁଲ, ପାର୍କ, ଟ୍ୟୁସନ ଆଦି ସ୍ଥାନରେ ନିଜ ସାଙ୍ଗମାନଙ୍କୁ ଯେମିତି କରୁଥିବା ଏବଂ କହୁଥିବାର ପିଲା ଦେଖନ୍ତି, ତାହାକୁ ଅନୁସରଣ କରିବାକୁ ଲାଗନ୍ତି। ଖାସ କରି ଯଦି ସାଙ୍ଗ ଠିକ୍ ନଥାଏ ତେବେ ପିଲା ଅଧିକ ବିଗିଡ଼ିବାର ଆଶଙ୍କା ରହିଥାଏ। ଏମିତିରେ ମାତାପିତା ଆରମ୍ଭରୁ ତାଙ୍କର କଥାବାର୍ତ୍ତା ହାବଭାବରୁ ଲକ୍ଷ୍ୟ କରନ୍ତୁ। ଏହାଦ୍ୱାରା ପିଲାଙ୍କୁ ବିଗିଡ଼ାବାରୁ କିଛି ମାତ୍ରାରେ ରକ୍ଷା କରିପାରିବେ।

କିଛି ପିଲା କୌଣସି ମନ ପସନ୍ଦର ଜିନିଷ ଦେଖୁ ନେବାଲାଗି ଜିଦ କରିଥାନ୍ତି। ଏଥିପାଇଁ ମାତାପିତାଙ୍କ ସହିତ ସେମାନେ ଉଚ୍ଚ ସ୍ୱରରେ କଥାବାର୍ତ୍ତା ବି କରନ୍ତି। ବେଳେ ବେଳେ ଏହି ଜିଦ ଲାଗି ଖାଦ୍ୟ ମଧ୍ୟ ଖାଇ ନଥାନ୍ତି।

ବିଶେଷ ଭାବରେ ୮-୧୦ ବର୍ଷ ପିଲାଙ୍କ ଠାରେ ଏପରି ଅଭ୍ୟାସ ଅଧିକ ଦେଖିବାକୁ ମିଳିଥାଏ। ଏ ବିଷୟରେ ଅବଗତ ହେବାମାତ୍ରେ ମାତାପିତା ପିଲାମାନଙ୍କୁ ଥଣ୍ଡା ମିଜାସ୍‌ରେ ବୁଝାଇବା ଦରକାର। ତା'ସହ ଯଦି ପରବର୍ତ୍ତୀ ସମୟରେ ପିଲା ନିଜ ଭୁଲ ବୁଝିପାରନ୍ତି ତେବେ ସେମାନେ ନିଜକୁ କେତେକାଂଶରେ ସୁଧାରି ନେଇପାରିବେ।

ଯେଉଁ କାମ କରିବା ଲାଗି ଆପଣ ପିଲାକୁ ମନା କରୁଛନ୍ତି ସେ ସେଇ କାମକୁ ବାରମ୍ବାର କରୁଛି ତେବେ ଆପଣଙ୍କୁ ଧୈର୍ଯ୍ୟର ସହ ବୁଝାଇବାକୁ ପଡ଼ିବ। ଯଦି ସେ ଆପଣଙ୍କ କଥା ଶୁଣୁନି ତେବେ ଅନ୍ୟ କାହା କଥା ଶୁଣିବ ବୋଲି ଭାବିପାରିବେ ନାହିଁ। ଆଉ ଏପରି ବ୍ୟବହାର କାହିଁକି କରୁଛି ତାର କାରଣ ଖୋଜି ସମାଧାନ କରିବାକୁ ପଡ଼ିବ।

ଯଦି ଆପଣ କୌଣସି ଛୋଟମୋଟ କାମ ତାକୁ କହୁଛନ୍ତି ସେ କଥା ଶୁଣୁନି କି କରୁନି ତେବେ ଆପଣ ଜାଣି ନେବେ ଯେ ପିଲା ବିଗିଡ଼ିବା ରାସ୍ତାରେ ରହିଛି।

ଯଦି ଆପଣଙ୍କ ପିଲା ପ୍ରତି କଥାରେ ଖରାପ ଭାଷା ବ୍ୟବହାର କରୁଛି ତେବେ ସେ ଖରାପ ସାଙ୍ଗରେ ପଡ଼ିବାର କାରଣ ହୋଇପାରେ। ତେବେ ସେ ଅନ୍ୟ କେଉଁ ପିଲା ସହ କଳି ଝଗଡ଼ା କରେ, ତେବେ କାହାକୁ ଆପଡ଼ ଲଗାଇ, କାହାକୁ ମାରପିଟ କରି ଘରକୁ ଆସିଯାଏ। ତେବେ ଏଥିନେଇ ଆପଣ ସତର୍କ ହୋଇଯାନ୍ତୁ। ପିଲା ପାଟିରୁ ଯଦି ଖରାପ ଭାଷା ଶୁଣୁଛନ୍ତି ତେବେ ତାକୁ ସେଇ ମୁହୂର୍ତ୍ତରେ ଅଟକାନ୍ତୁ। ସେ ଯଦି ଅନ୍ୟ କାହାକୁ ବାରମ୍ବାର ଚିଡ଼ାଉଛି କିମ୍ବା ଥଟ୍ଟା ପରିହାସ କରୁଛି ତେବେ ଏହି ଅଭ୍ୟାସ ଜମା ଠିକ ବି ନୁହେଁ। ଏଥିଲାଗି ତାକୁ ଆକଟ କରନ୍ତୁ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ
E-mail : s271169@gmail.com



# ଦିଲ୍ଲୀରେ ଘନକୁହୁଡ଼ି : ୨୭ଟି ବିମାନ ବାତିଲ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଗୁରୁବାର ଘନ ଧୂଆଁକୁହୁଡ଼ି ଓ ଦୃଶ୍ୟମାନତା ହ୍ରାସ ହେତୁ ଦିଲ୍ଲୀ ବିମାନବନ୍ଦରରେ ବିଭିନ୍ନ ଏୟାର୍ଲାଇନ୍ସର ୨୭ଟି ବିମାନ ବାତିଲ ହୋଇଛି ଏବଂ ଆହୁରି ଅନେକ ବିମାନ ବିଳମ୍ବ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି । ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ଡିଆଇଏଏଲ୍) ଅନୁଯାୟୀ, ପ୍ରତିକୂଳ ପାଗ ଯୋଗୁଁ ମୋଟ ୧୬ଟି ପ୍ରସ୍ଥାନ ଓ ୧୧ଟି ଆଗମୀ ବିମାନ ବାତିଲ କରାଯାଇଛି । କମ୍ ଦୃଶ୍ୟମାନତା ସାଧାରଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବାରୁ ଅନେକ ଅତିରିକ୍ତ ବିମାନରେ ବିଳମ୍ବ ହୋଇଥିଲା । ଗୁରୁବାର ସକାଳେ ଜାରି କରାଯାଇଥିବା ଏକ ଯାତ୍ରୀ ପରାମର୍ଶାବଳିରେ ଡିଆଇଏଏଲ୍ କହିଛି ଯେ ବିମାନବନ୍ଦରରେ ବିମାନ ଚଳାଚଳ କ୍ୟାଟ୍-୩ ଅବସ୍ଥାରେ କରାଯାଉଛି, ଯାହା ଅତ୍ୟନ୍ତ ଖରାପ ଦୃଶ୍ୟମାନତା ସମୟରେ ବ୍ୟବହୃତ ଏକ ପ୍ରୋଟୋକଲ୍ । ଡିଆଇଏଏଲ୍ କହିଛି ଯେ ଘନ ଧୂଆଁକୁହୁଡ଼ି ହେତୁ ବିମାନ ଚଳାଚଳ ବର୍ତ୍ତମାନ କ୍ୟାଟ୍-୩ ଅବସ୍ଥାରେ ଅଛି, ଯାହା ବିଳମ୍ବ କିମ୍ବା ବ୍ୟାଘାତର କାରଣ ହୋଇପାରେ । କ୍ୟାଟ୍-୩ ଅପରେସନ୍ ଅଧୀନରେ, ଉଭୟ ପାଇଲଟ୍ ଓ ବିମାନ ସ୍ୱଳ୍ପ-ଦୃଶ୍ୟମାନ ଅବସ୍ଥାରେ ନିରାପଦରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ଓ ତାଲିମ ଆବଶ୍ୟକତା ପୂରଣ କରିବା ଆବଶ୍ୟକ । ସମସ୍ତ ବିମାନ ଓ କର୍ମଚାରୀ ଏହିପରି ଅବତରଣ ପାଇଁ ସଜ୍ଜିତ ନୁହନ୍ତି, ଯାହା ପ୍ରାୟତଃ ବିଳମ୍ବ କିମ୍ବା ବାତିଲ କରାଇଥାଏ । କ୍ୟାଟ୍-୩ ଏକ ଉନ୍ନତ ଇନଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ୍ (ଆଇଏଲ୍ଏସ୍) ପଦ୍ଧତିକୁ ବୁଝାଏ ଯାହା ରନୱେ ଭିଜୁଆଲ୍ ରେଞ୍ଜ (ଆର୍ଭିଆର୍) ୫୦ରୁ ୨୦୦ ମିଟର କମ୍ ହେଲେ ବିମାନକୁ ଅବତରଣ କରିବାକୁ ଅନୁମତି ଦେଇଥାଏ- ସାଧାରଣତଃ ଘନ ଧୂଆଁକୁହୁଡ଼ି, ପ୍ରବଳ ବର୍ଷା କିମ୍ବା ତୁଷାରପାତ ସମୟରେ। ଗୁରୁବାର ସକାଳେ ଜାତୀୟ ରାଜଧାନୀ ଦିଲ୍ଲୀ ସମେତ ଉତ୍ତର ଭାରତରେ ଘନ ଧୂଆଁକୁହୁଡ଼ି ଦେଖିବାକୁ ମିଳିଛି । ଏହାଦ୍ୱାରା ଅନେକ ଅଞ୍ଚଳରେ ଦୃଶ୍ୟମାନତା ହ୍ରାସ ପାଇଥିଲା । ଘନ ଧୂଆଁକୁହୁଡ଼ି ଦେଇ ଯାଉଥିବା ଯାନବାହନ ରାସ୍ତାରେ ଗୁରୁଣ୍ଡୁଥିବା ଦେଖିବାକୁ ମିଳିଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ଗୁରୁବାର ଦେଶର ୧୬ଟି ରାଜ୍ୟ ପାଇଁ ଧୂଆଁକୁହୁଡ଼ି ସତର୍କ ସୂଚନା ଜାରି କରିଛି। ଉତ୍ତରପ୍ରଦେଶର ସମସ୍ତ ଜିଲ୍ଲାରେ ରେଡ୍ ଆଲର୍ଟ ଜାରି କରାଯାଇଛି । ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡୀଗଡ଼ ଏବଂ ଉତ୍ତରାଖଣ୍ଡର କିଛି ଅଞ୍ଚଳରେ ଘନରୁ ଅତି ଘନ ଧୂଆଁକୁହୁଡ଼ି ରହିବାର ସମ୍ଭାବନା ରହିଛି। ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ବିହାର, ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଓ ଓଡ଼ିଶାରେ ମଧ୍ୟ ଧୂଆଁକୁହୁଡ଼ି ରହିବ । ଏଥିସହ ଦୃଶ୍ୟମାନତା କମ୍ ରହିବ, ଯାହା ସଡ଼କ, ରେଳ ଓ ବିମାନ ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ ବୋଲି ପାଣିପାଗ ବିଭାଗ କହିଛି ।

# ମେଡିକାଲ କର୍ମଚାରୀଙ୍କ ଅବହେଳା ପାଇଁ ଏଡ୍ସ ପଜିଟିଭ ହେଲେ ୬ ଶିଶୁ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ମଧ୍ୟପ୍ରଦେଶର ସତନା ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମଧ୍ୟପ୍ରଦେଶ ସରକାର ଗୁରୁବାର ଦିନ ଛଅ ଜଣ ଶିଶୁଙ୍କ HIV ପଜିଟିଭ୍ ମାମଲା ସହିତ ଜଡିତ ସତନା ଜିଲ୍ଲାର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସରକାରୀ ହସ୍ପିଟାଲର ଜଣେ ରକ୍ତଭଣ୍ଡାର କର୍ମଚାରୀ ଏବଂ ଦୁଇ ଜଣ ଲ୍ୟାବ ଟେକ୍ନିସିଆନଙ୍କୁ ନିଲମ୍ବିତ କରିଛନ୍ତି । ଅଧିକାରୀ



କହିଛନ୍ତି ଯେ ସତନାରେ ସଂକ୍ରମିତ ରକ୍ତ ବ୍ୟବହାର ତଦନ୍ତ ପାଇଁ ଗଠିତ କମିଟିର ପ୍ରାଥମିକ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।ବାସ୍ତବରେ ଡିସେମ୍ବର ୧୬ ତାରିଖରେ ରାଜ୍ୟର ଜନସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି କମିଟି ଗଠନ କରାଯାଇଥିଲା । କମିଟିର ରିପୋର୍ଟ ଆଧାରରେ, ରକ୍ତଭଣ୍ଡାର ପ୍ରଭାରୀ ଡାକ୍ତର ଦେବେନ୍ଦ୍ର ପଟେଲ ଏବଂ ଲ୍ୟାବ ଟେକ୍ନିସିଆନ ରାମ ଭାଇ ତ୍ରିପାଠି ଏବଂ ନନ୍ଦଲାଲ ପାଣ୍ଡେଙ୍କୁ ନିଲମ୍ବିତ କରାଯାଇଛି । ତିନି ଜଣଙ୍କ ନିଲମ୍ବନ ବ୍ୟତୀତ, ଜିଲ୍ଲା ହସ୍ପିଟାଲର ପୂର୍ବତନ ସିଭିଲ ସର୍ଜନ ମନୋଜ ଶୁକ୍ଲାଙ୍କୁ ମଧ୍ୟ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି, ଯେଉଁଥିରେ ତାଙ୍କୁ ଲିଖିତ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଧିକାରୀଙ୍କ ଅନୁଯାୟୀ, ଶୁକ୍ଲାଙ୍କୁ ଚେତାବନୀ ଦିଆଯାଇଛି ଯେ ଯଦି ତାଙ୍କର ଉତ୍ତର ସନ୍ତୋଷଜନକ ନହୁଏ ତେବେ ତାଙ୍କ ବିରୁଦ୍ଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବାସ୍ତବରେ ଡିସେମ୍ବର ୧୬ ତାରିଖରେ, ଏହା ଜଣାପଡ଼ିଥିଲା ଯେ ସତନା ଜିଲ୍ଲା ହସ୍ପିଟାଲରେ ଥାଲାସେମିଆରେ ପୀଡିତ ଛଅ ଜଣ ପିଲାଙ୍କୁ ଭର୍ତ୍ତି କରାଯାଇଥିଲା ଆଉ ଏମାନଙ୍କୁ ରକ୍ତ ଯୋଗାଇବାବେଳେ ସଂକ୍ରମିତ ଏଚଆଇଭି ରକ୍ତ ଦିଆଯାଇଥିଲା । ଯାହାଫଳରେ ପିଲାମାନେ ଏଚଆଇଭି ସଂକ୍ରମିତ ହୋଇଯାଇଥିଲେ । ଏବେ ସେମାନଙ୍କୁ HIV ପ୍ରୋଟୋକଲ ଅନୁସାରେ ଚିକିତ୍ସା କରାଯାଉଛି । ତେବେ ଏହି ମାମଲା ଜଣାପଡିବା ପରେ ରକ୍ତଭଣ୍ଡାର କର୍ମଚାରୀଙ୍କ ଦାୟିତ୍ୱହୀନତା ଜଣାପଡିଥିଲା ଆଉ ଏବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ରୁଷ-ୟୁକ୍ରେନ ଯୁଦ୍ଧ ହୋଇପାରେ ଜଟିଳ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କଡ଼ା ଚେତାବନୀ ଦେଇଛନ୍ତି । ୟୁକ୍ରେନ ସହ ଯଦି ଶାନ୍ତି ଆଲୋଚନା ବିଫଳ ହୁଏ, ତେବେ ଏହାର ଅଞ୍ଚଳଗୁଡ଼ିକୁ ସୈନ୍ୟବଳରେ ଦଖଲ କରିବ ରୁଷିଆ । ସେନା ଅଧିକାରୀଙ୍କ ବାର୍ଷିକ ବୈଠକରେ ପୁଟିନ୍ ଏହି ବଡ଼ ଧମକ ଦେଇଛନ୍ତି । ରୁଷ- ୟୁକ୍ରେନ ଯୁଦ୍ଧ ଏବେ ନୂଆମୋଡ଼ ନେବା ଆଶଙ୍କା ଦେଖାଦେଇଛି । ଗୋଟିଏ ପଟେ ଶାନ୍ତି ପାଇଁ ପ୍ରୟାସ ଚାଲିଥିବା ବେଳେ ଅନ୍ୟପଟେ ପରସ୍ପର ଉପରେ ମିଜାଇଲ୍ ମାଡ଼ ଜାରି ରଖିଛନ୍ତି ଦୁଇଦେଶ । ଏହାରି ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିର୍ମି ପୁଟିନ୍ ଦେଇଛନ୍ତି ବଡ଼ ଚେତାବନୀ । ଯଦି ୟୁକ୍ରେନ ସହ ଶାନ୍ତି ଆଲୋଚନା ବିଫଳ ହୁଏ,



ତେବେ ଏହାର ଅଧିକୃତ ଅଞ୍ଚଳଗୁଡ଼ିକୁ ସୈନ୍ୟବଳରେ ଦଖଲ କରିବ ରୁଷିଆ। ପଶ୍ଚିମ ଦେଶଗୁଡ଼ିକ ରୁଷିଆର କାର୍ଯ୍ୟକୁ ଆକ୍ରମଣ ବୋଲି କହୁଛନ୍ତି । ସେନା ଅଧିକାରୀଙ୍କ ବାର୍ଷିକ ବୈଠକରେ ପୁଟିନ୍ କହିଛନ୍ତି, ଆମେ କୂଟନୈତିକ ଉପାୟରେ ସମସ୍ୟା ସମାଧାନ ଚାହୁଁଛୁ, କିନ୍ତୁ ଯଦି ବିପକ୍ଷ ଓ ତାଙ୍କ ବିଦେଶୀ ସମର୍ଥକମାନେ ଗୁରୁତର ଆଲୋଚନା କରିବାକୁ ଅସ୍ୱୀକାର କରନ୍ତି, ତେବେ ରୁଷ ଐତିହାସିକ ଭୂମିଗୁଡ଼ିକୁ ସୈନ୍ୟବଳରେ ମୁକ୍ତ କରିବ। ରୁଷ କ୍ରିମିଆ ସହ ଡୋନବାସ୍, ଜାପୋରିଜିଆ ଓ ଖେର୍ସନ୍ ଅଞ୍ଚଳ ଦାବି କରୁଛି । ଏହି ଚେତାବନୀ ଟ୍ରମ୍ପପ୍ରଶାସନର ଶାନ୍ତି ପ୍ରସ୍ତାବ ଆଲୋଚନା ଚାଲିଥିବା ସମୟରେ ଆସିଛି । ୟୁକ୍ରେନ ଓ ପଶ୍ଚିମ ଦେଶଗୁଡ଼ିକ ଏହାକୁ ଆକ୍ରମଣ ବୋଲି କହୁଛନ୍ତ । ଯୁଦ୍ଧ ଉତ୍ତେଜନା ବଢ଼ିଛି ।

# ପୁଣି ଥରେ ମୁହଁ ଖୋଲିଛନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଭାରତରେ ରହି ପୁଣି ଥରେ ମୁହଁ ଖୋଲିଛନ୍ତି ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନା । ନିଜ ଦେଶର ପରିସ୍ଥିତି ଉପରେ ସେ କହିଛନ୍ତି ସେଠାରେ ୧୯୭୧ର ପରିସ୍ଥିତି ଫେରିବାର ଆଶଙ୍କା ରହିଛି । ଭାରତର ଏକ ଘରୋଇ ନ୍ୟୁଜ ଚ୍ୟାନେଲ ସହିତ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ କହିଛନ୍ତି ଯେ ଆଜି ଆମେ ଯେଉଁ ହିଂସା ଦେଖୁଛୁ... ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା, ମହିଳାଙ୍କ ଉପରେ ଆକ୍ରମଣ ଏବଂ ଆମର ମୁକ୍ତି ସଂଗ୍ରାମର ଇତିହାସକୁ ଲିଭାଇ ଦେବାର ପ୍ରୟାସ । ଏସବୁ ୧୯୭୧ ମସିହାର ବିଚଳିତ କରିଦେବା ଭଳି ସ୍ମୃତିକୁ ପ୍ରତିଫଳିତ କରେ । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଆଜି ବାଂଲାଦେଶରେ ଯାହା ଘଟୁଛି ତାହା କେବଳ ରାଜନୈତିକ ଅଶାନ୍ତି ନୁହେଁ, ବରଂ ୧୯୭୧ର ଅନ୍ଧାର ଯୁଗକୁ ଫେରିବାର ପ୍ରୟାସ, ଯେତେବେଳେ ପାକିସ୍ତାନୀ ସେନା ବାଂଲାଦେଶ (ତତ୍କାଳୀନ ପୂର୍ବ ପାକିସ୍ତାନ) ର ମାଟିକୁ ରକ୍ତରେ ଭିଜାଇ ଦେଇଥିଲା । ଏହା ଏକ ସମୟ ଥିଲା ଯେତେବେଳେ ୨୦୦,୦୦୦ରୁ ଅଧିକ ମହିଳାଙ୍କ ସମ୍ମାନ ଉଲ୍ଲଂଘନ କରାଯାଇଥିଲା, ଏବଂ ବର୍ତ୍ତମାନର ପରିସ୍ଥିତି ସେହି ଯୁଗର ବର୍ବରତାକୁ ପ୍ରତିଫଳିତ କରେ। ହସିନା କହିଛନ୍ତି ଯେ ୧୯୭୧ରେ ପାକିସ୍ତାନୀ ସେନା ଏବଂ ଏହାର ସମର୍ଥକ ଉପରେ ଆକ୍ରମଣ କରାଯାଉଛି । ୧୯୭୧ରେ, ମହିଳାମାନଙ୍କ ଉପରେ ବଳାତ୍କାରକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଇଥିଲା।



(ରାଜାକାର) ଯେଉଁ ମାନସିକତା ସହିତ କାର୍ଯ୍ୟ କରୁଥିଲେ, ସେହି ସମାନ ମାନସିକତା ପୁଣି ଥରେ ବାଂଲାଦେଶ ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରୁଛି । ୧୯୭୧ରେ, ବିଶେଷକରି ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଇଥିଲା । ଆଜି ମଧ୍ୟ, ବାଂଲାଦେଶରେ ମନ୍ଦିର ଏବଂ ହିନ୍ଦୁ ଘର ହସିନା ଭୟ କରୁଛନ୍ତି ଯେ ଅରାଜକତାର ଏହି ପରିବେଶରେ, ମହିଳାଙ୍କ ସମ୍ମାନ କ୍ଷୁର୍ଣ୍ଣ ହେଉଛି । ବାଂଲାଦେଶ ଧର୍ମ ନୁହେଁ, ଧର୍ମନିରପେକ୍ଷତା ଏବଂ ବଙ୍ଗଳା ସଂସ୍କୃତି ଆଧାରରେ ଜନ୍ମ ନେଇଥିଲା । ହସିନା କହିଛନ୍ତି ଯେ ନୂତନ ଶକ୍ତି ଏହି 'ମୁକ୍ତି ଯୁଦ୍ଧ'ର ଇତିହାସକୁ ଲିଭାଇ ଦେବାକୁ ଚାହୁଁଛନ୍ତି ।

## ଭାରତର କାର୍ଯ୍ୟାନୁଷ୍ଠାନ ପରେ ଚିନ୍ତାରେ ଡ୍ରାଗନ୍

# ଚୀନ ଉପରେ ଆଣ୍ଟି-ଡମ୍ପିଂ ଶୁଳ୍କ ଲାଗୁ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଚୀନ ବିରୁଦ୍ଧରେ ଭାରତର ବଡ଼ କାର୍ଯ୍ୟାନୁଷ୍ଠାନ । ଚୀନରୁ ଆମଦାନୀ ହେଉଥିବା କିଛି ଇସ୍ପାତ ଉତ୍ପାଦ ଉପରେ ଭାରତ ୫ ବର୍ଷ ପାଇଁ ଆଣ୍ଟି-ଡମ୍ପିଂ ଶୁଳ୍କ ଲାଗୁ କରିଛି । ବାଣିଜ୍ୟ ପ୍ରତିଷେଧକ ମହାନିର୍ଦ୍ଦେଶାଳୟର ଏକ ବିଜ୍ଞପ୍ତି ଅନୁଯାୟୀ, ଚୀନରୁ କୋଲ୍ଡ ରୋଲ୍ଡ ନନ୍-ଓରିଏଣ୍ଟେଡ୍ ଇଲେକ୍ଟ୍ରିକାଲ୍ ଷ୍ଟିଲ୍ ଆମଦାନୀ ଉପରେ ପ୍ରତି ଟନ୍ ପିଛା ୨୨୩.୮୨ ଡଲାର ଶୁଳ୍କ ଲାଗୁ ହେବ । ଗୁରୁବାର ବିଳମ୍ବିତ ରାତିରେ ଜାରି ହୋଇଥିବା ଆଦେଶରେ କୁହାଯାଇଛି ଯେ, ଭାରତ ଚୀନରୁ ଆମଦାନି ହେଉଥିବା ବିଭିନ୍ନ ପ୍ରକାରର କୋଲ୍ଡ-ରୋଲ୍ଡ ଷ୍ଟିଲ୍ ଉପରେ ୨୨୩.୮ ପ୍ରତି ଟନରୁ ୪୧୪.୯ ପ୍ରତି ଟନ୍ ପର୍ଯ୍ୟନ୍ତ ଆଣ୍ଟି-ଡମ୍ପିଂ ଶୁଳ୍କ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି । ସିଆର୍ଏନ୍ଓରେ ସିଲିକନ୍-ଇଲେକ୍ଟ୍ରିକାଲ ଷ୍ଟିଲର କୋଲ୍ଡ-ରୋଲ୍ଡ ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦଗୁଡ଼ିକ ସାମିଲ । ଏହା ଏକ ପ୍ରକାରର ଇଲେକ୍ଟ୍ରିକାଲ ଷ୍ଟିଲ୍ ଯାହା ମୁଖ୍ୟତଃ ମୋଟର, ଜେନେରେଟର ଏବଂ ଛୋଟ ଟ୍ରାନ୍ସଫର୍ମର ଭଳି ବୈଦ୍ୟୁତିକ ଉପକରଣରେ ବ୍ୟବହୃତ ହୁଏ । ତେବେ ଭାରତ କୋଲ୍ଡ-ରୋଲ୍ଡ ଫୁଲ୍-ହାର୍ଡ ସିଲିକନ୍ ଇଲେକ୍ଟ୍ରିକାଲ ଷ୍ଟିଲ୍କୁ ଆଣ୍ଟି-ଡମ୍ପିଂ ଡ୍ୟୁଟିରୁ ବାଦ୍ ଦେଇଛି । ଭାରତର ଏହି ପଦକ୍ଷେପର ଲକ୍ଷ୍ୟ ଘରୋଇ ଇସ୍ପାତ ନିର୍ମାତାମାନଙ୍କୁ ଶସ୍ତା ଆମଦାନୀ ଯୋଗୁଁ ହେଉଥିବା କ୍ଷତିରୁ ରକ୍ଷା କରିବା । ଡମ୍ପିଂ ହୋଇଥିବା ଏହି ଉତ୍ପାଦଗୁଡ଼ିକ ପ୍ରାୟତଃ ସ୍ଥାନୀୟ ଭାରତୀୟ ଶିଳ୍ପଗୁଡ଼ିକୁ କ୍ଷତି ପହଞ୍ଚାଏ । ଏହାକୁ ଦୃଷ୍ଟିରେ ରଖି ଇସ୍ପାତ ଶିଳ୍ପ ଭାରତରେ ଏହି ଇସ୍ପାତ ଉତ୍ପାଦଗୁଡ଼ିକର ଡମ୍ପିଂ ଅଭିଯୋଗର ତଦନ୍ତ ଦାବି କରିଥିଲା । ଡିଜିଟିଆର୍ ଏନେଇ ତଦନ୍ତ କରିବା ପରେ ଶୁଳ୍କ ଲାଗୁ କରିବାକୁ ସୁପାରିଶ କରିଥିଲା । ଗତ ମାସରେ, ଭାରତ ୫ ବର୍ଷ ପାଇଁ ଭିଏତନାମରୁ ହଟ୍-ରୋଲ୍ଡ ଫ୍ଲାଟ୍ ଷ୍ଟିଲ୍ ଉତ୍ପାଦ ଆମଦାନୀ ଉପରେ ପ୍ରତି ଟନ୍ ୧୨୧.୫୫ ଡଲାର ଆଣ୍ଟି-ଡମ୍ପିଂ ଡ୍ୟୁଟି ଲାଗୁ କରିଥିଲା । ଏହି କମ୍ ଆମଦାନୀ ମୂଲ୍ୟ ଘରୋଇ କମ୍ପାନୀଗୁଡ଼ିକର ଲାଭକୁ ପ୍ରଭାବିତ କରିବ ଏବଂ ବଜାରରେ ସେମାନଙ୍କର ସହଭାଗିତା ହ୍ରାସ କରିବ । ସରକାରୀଙ୍କ ଏହି ପଦକ୍ଷେପ ମେକ୍ ଇନ୍ ଇଣ୍ଡିଆ ।କୁ ପ୍ରୋତ୍ସାହିତ କରିବ ।

# ୫୦ ହଜାରରୁ ଅଧିକ ପାକିସ୍ତାନୀ ଭିକାରୀଙ୍କୁ ବାହାର କଲା ସାଉଦି ଆରବ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଅନ୍ତର୍ଜାତୀୟ ସ୍ତରରେ ନାଁ ନୁହେଁ ବାରମ୍ବାର ବେଇଜ୍ଜତ ହେଉଛି ପାକିସ୍ତାନ । ଆଉ ଏଥର ଏମିତି ହୋଇଛି ଯେ ପାକିସ୍ତାନ କାହାକୁ ମୁହଁ ବି ଦେଖାଇ ପାରୁନି । କାରଣ ସାଉଦି ଆରବରେ ଗୋଟିଏ କି ଦୁଇଟି ନୁହେଁ ବରଂ ୫୧ ହଜାର ଭିକାରୀ ଧରାପଡ଼ିଛନ୍ତି । ଆଉ ସେମାନେ ସବୁ ପାକିସ୍ତାନୀ ବୋଲି ସୂଚନା ମିଳିଛି । ସେହବାଜ ସରକାରଙ୍କୁ ଏହାଠାରୁ ବଡ଼ ଚପୁଡ଼ା ଆଉ କଣ ବା ହୋଇପାରେ । ପାକିସ୍ତାନର ନାଗରିକମାନେ ବିଦେଶରେ ଭିକ ମାଗିବା ଏବଂ ବେଆଇନ ଅନୁପ୍ରବେଶ ମାମଲା ପୁଣି ଥରେ ସରକାର ଓ ପ୍ରଶାସନର ଅଡୁଆ ବଢାଇ ଦେଇଛି । ଜାତୀୟ ସଭାର ପ୍ରବାସୀ ପାକିସ୍ତାନୀ ଓ ମାନବାଧିକାର ମାମଲା ସମ୍ପର୍କିତ ସ୍ଥାୟୀ କମିଟିର ବୈଠକରେ ଜଣାପଡିଛି ଯେ ଚଳିତ ବର୍ଷ ବିଭିନ୍ନ ଦେଶରୁ ପ୍ରାୟ ୫୧ ହଜାର ପାକିସ୍ତାନୀଙ୍କୁ ଭିକ ମାଗିବା ଅଭିଯୋଗରେ ବହିଷ୍କାର କରାଯାଇଛି । ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ସାଉଦି ଆରବ ଗ୍ରହଣ କରିଛି, ଯେଉଁଠାରୁ ୨୪ ହଜାର ପାକିସ୍ତାନୀ ନାଗରିକଙ୍କୁ ଫେରାଇ ଦିଆଯାଇଛି । ଏହା ବ୍ୟତୀତ ସଂଯୁକ୍ତ ଆରବ ଏମିରେଟ୍ସରୁ ୬ ହଜାର, ଆଜେରବୈଜାନରୁ ପ୍ରାୟ ୨,୫୦୦ ଏବଂ ଅନ୍ୟ ଦେଶରୁ ମଧ୍ୟ ହଜାର ହଜାର ପାକିସ୍ତାନୀ ନାଗରିକଙ୍କୁ ବାହାର କରିଦିଆଯାଇଛି । କମିଟିର ଅଧ୍ୟକ୍ଷ ଆଗା ରଫିଉଲ୍ଲା ବୈଠକରେ କହିଛନ୍ତି ଯେ ଏହି ପରିସଂଖ୍ୟାନ ଅତ୍ୟନ୍ତ ଚିନ୍ତାଜନକ ଏବଂ ଏହା ପାକିସ୍ତାନର ଆନ୍ତର୍ଜାତୀୟ ଛବିକୁ କ୍ଷୁର୍ଣ୍ଣ କରୁଛି।



ବୈଠକରେ ଏହା ମଧ୍ୟ ଖୁଲାସା ହୋଇଛି ଯେ ଅନେକ ଲୋକ ଉମରାହ ଯାତ୍ରା ନାମରେ ଦେଶ ବାହାରକୁ ଯାଉଛନ୍ତି ଏବଂ ସେଠାରୁ ବେଆଇନ ଭାବେ ୟୁରୋପ ପହଞ୍ଚିବାକୁ ଚେଷ୍ଟା କରୁଛନ୍ତି । ତେବେ, ଦୃଢ଼ ପ୍ରମାଣ ମିଳିବା ପରେ ଅନେକ ଯାତ୍ରୀଙ୍କୁ ଅଧା ରାସ୍ତାରେ ହିଁ ଓହ୍ଲାଇ ଦିଆଯାଇଛି । ଏହା ବ୍ୟତୀତ ଚଳିତ ବର୍ଷ ୨୪ ହଜାର ଲୋକ କାମ୍ବୋଡିଆ ଯାଇଥିଲେ, ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୨ ହଜାର ଲୋକ ଫେରି ନାହାନ୍ତି । ସେହିପରି ୪ ହଜାର ପାକିସ୍ତାନୀ ପର୍ଯ୍ୟଟକ ଭିସାରେ ମିଆଁମାର ଯାଇଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ ୨,୫୦୦ ଲୋକ ନିଖୋଜ ଅଛନ୍ତି । ଫେଡେରାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସିର ନିର୍ଦ୍ଦେଶକ କହିଛନ୍ତି ଯେ ବେଆଇନ ଅନୁପ୍ରବେଶକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁଁ ପାକିସ୍ତାନର ପାସପୋର୍ଟ ମାନ୍ୟତା ୧୧୮ରୁ ସୁଧୁରି ୯୨ରେ ପହଞ୍ଚିଛି । ସେ କହିଛନ୍ତି ଯେ ପୂର୍ବରୁ ପାକିସ୍ତାନ ବେଆଇନ ଅନୁପ୍ରବେଶକାରୀଙ୍କ ମାମଲାରେ ବିଶ୍ୱର ଶ୍ରେଷ୍ଠ ପାଞ୍ଚଟି ଦେଶ ମଧ୍ୟରେ ସାମିଲ ଥିଲା, କିନ୍ତୁ କଡ଼ା ନଜର ଏବଂ କାର୍ଯ୍ୟାନୁଷ୍ଠାନ ଯୋଗୁଁ ବର୍ତ୍ତମାନ ଏହା ସେହି ତାଲିକାରୁ ବାହାରି ଯାଇଛି । ଗତ ବର୍ଷ ୮ ହଜାର ଲୋକ ବେଆଇନ ଭାବେ ୟୁରୋପ ଯାଇଥିଲେ ଯେତେବେଳେ କି ଚଳିତ ବର୍ଷ ଏହି ସଂଖ୍ୟା କମି ୪ ହଜାର ରହିଯାଇଛି । ଓଇ ନିର୍ଦ୍ଦେଶକ ଏହା ମଧ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ସାଉଦି ଆରବରୁ ମୋଟ ୫୬ ହଜାର ପାକିସ୍ତାନୀଙ୍କୁ ଭିକ ମାଗିବା ଅଭିଯୋଗରେ ବାହାର କରାଯାଇଛି ।

## ଭାରତ-ବାଂଲାଦେଶ ସମ୍ପର୍କରେ ବଢୁଛି ତିକ୍ତତା

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଭାରତ-ବାଂଲାଦେଶ ସମ୍ପର୍କରେ ବଢୁଛି ତିକ୍ତତା । ବାଂଲାଦେଶରେ ଲାଗି ରହିଥିବା ସଂକଟ ୧୯୭୧ ପରଠାରୁ ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ଭାବେ ସୃଷ୍ଟି ହୋଇଛି। ଚୀନ୍ ଓ ପାକିସ୍ତାନ ଭୂମିକାକୁ ନେଇ ସତର୍କ କରିଛି ସଂସଦୀୟ କମିଟି । ସଂସଦରେ ଉପସ୍ଥାପିତ ରିପୋର୍ଟରେ ବୈଦେଶିକ ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବହିଷ୍କାର ଏବଂ ତାଙ୍କ ଦଳ ଆୱାମୀ ଲିଗ୍ ଦଳର ପତନ ପରେ ଇସଲାମୀୟ ଶକ୍ତିର ଉତଥାନକୁ ନେଇ ଚିନ୍ତା ପ୍ରକଟ କରିଛି । ଚୀନ୍ ଏବଂ ପାକିସ୍ତାନର ବଢୁଥିବା ପ୍ରଭାବକୁ ପ୍ରମୁଖ ପରିବର୍ତ୍ତନ ଭାବେ ଦର୍ଶାଇଛି । କଂଗ୍ରେସ ସାଂସଦ ଶଶି ଥରୁରଙ୍କ ଅଧ୍ୟକ୍ଷତାରେ ଗଠିତ ବୈଦେଶିକ ବ୍ୟାପାର ସଂସଦୀୟ ସ୍ଥାୟୀ କମିଟି ରାଜନୈତିକ ପରିବର୍ତ୍ତନ, ଚୀନ୍ ଏବଂ ପାକିସ୍ତାନର ବର୍ଦ୍ଧିତ ପ୍ରଭାବ ଉପରେ ଚିନ୍ତା ପ୍ରକାଶ କରି ଏହି ଚେତାବନୀ ଦେଇଛି। ୧୯୭୧ ଯୁଦ୍ଧ ପରେ ବାଂଲାଦେଶର ପରିସ୍ଥିତି ଭାରତର ସବୁଠାରୁ ବଡ଼ ରଣନୈତିକ ଚ୍ୟାଲେଂଜ ହୋଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କମିଟିକୁ ସୂଚନା ଦେଇଛି ଯେ ବାଂଲାଦେଶର ଆଭ୍ୟନ୍ତରୀଣ ବିକାଶରୁ ଦ୍ୱିପାକ୍ଷିକ ସମ୍ପର୍କକୁ ପୃଥକ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରାଯାଉଛି। ଭାରତ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ସହିତ ଆଲୋଚନା ଜାରି ରଖିଛି ଏବଂ ବାଂଲାଦେଶୀ ଲୋକଙ୍କ ଆଶା ଆକାଂକ୍ଷାକୁ ସମର୍ଥନ କରିଆସୁଛି। ମନ୍ତ୍ରଣାଳୟ କହିଛି ଯେ ଭାରତ ସରକାର ନିୟମିତ ଭାବରେ ବାଂଲାଦେଶର ବିକାଶ ଉପରେ ପ୍ରାଥମିକତା ଭିତ୍ତିରେ ନଜର ରଖିଛନ୍ତି ।

# ଭାରତରେ ବଢୁଛି ପିଇବା ପାଣି ସଙ୍କଟ !

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):**ଯଦି ଦେଶକୁ ନୀରବରେ ଗୋଟିଏ ସଙ୍କଟ ଘାରିଛି, ତାହା ହେଉଛି ପାନୀୟ ଜଳ । କୌଣସି ସାଇରନ୍ ନାହିଁ, କୌଣସି ଜରୁରୀକାଳୀନ ପ୍ରଚାର ନାହିଁ; ହେଲେ କେବଳ ଗୋଟିଏ ଦିନ, ଏମିତି ଆସିବ ଟ୍ୟାପ୍ ଖୋଲିବ ହେଲେ ପାଣି ନଥିବ । ସଂସଦରେ ଉପସ୍ଥାପିତ ଦେଶରେ ଭୂତଳ ଜଳ ଉପରେ ସରକାରଙ୍କ ତଥ୍ୟ ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ଭାରତ ଦ୍ରୁତ ଗତିରେ ଏହାର ଭୂତଳ ଜଳ ହ୍ରାସ କରୁଛି, ଏବଂ ଅନେକ କ୍ଷେତ୍ରରେ ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଛି । ସରକାରୀ ଆକଳନ ଅନୁଯାୟୀ, ଦେଶ ବାର୍ଷିକ ପ୍ରାୟ ୪୪୮ ବିଲିୟନ ଘନ ମିଟର ଭୂତଳ ଜଳ ବର୍ଷା ଏବଂ ଅନ୍ୟାନ୍ୟ ଉତ୍ସରୁ ପାଇଥାଏ । ହେଲେ, ଏହି ଭୂତଳ ଜଳର ପ୍ରାୟ ୪୦୭ ବିଲିୟନ ଘନ ମିଟରକୁ ସୁରକ୍ଷିତ ଭାବରେ ବ୍ୟବହାରଯୋଗ୍ୟ ବୋଲି



ବିବେଚନା କରାଯାଏ ।୨୦୨୫ ସୁଦ୍ଧା, ଦେଶ ଏହି ଭୂତଳ ଜଳର ୨୪୭ ବିଲିୟନ ଘନ ମିଟର ନିଷ୍କାସନ କରିସାରିବ । ଦେଶ ପ୍ରତିବର୍ଷ ଏହାର ଭୂତଳ ଜଳ କ୍ଷମତାର ପ୍ରାୟ ୬୧ ପ୍ରତିଶତ ବ୍ୟବହାର କରୁଛି । ଏହା ଏକ ହାରାହାରି ସଂଖ୍ୟା, କିନ୍ତୁ ଆମେ ଅଞ୍ଚଳ ଅନୁସାରେ ପରିସ୍ଥିତିକୁ ଦେଖିଲେ ପ୍ରକୃତ ଚିତ୍ର ସାମ୍ନାକୁ ଆସେ । ଦଶଟି ଅଞ୍ଚଳ ମଧ୍ୟରୁ ଗୋଟିଏ ସଙ୍କଟରେ ଅଛି । ସାରା ଦେଶରେ ୬,୭୬୨ ଅଞ୍ଚଳ (ବ୍ଲକ୍, ତହସିଲ ଏବଂ ଡିଭିଜନ)ର ମୂଲ୍ୟାୟନରୁ ଜଣାପଡିଛି ଯେ ୭୩୦ ଅଞ୍ଚଳ ଭୂତଳ ଜଳ କ୍ଷମତାଠାରୁ ଅଧିକ ଉତ୍ତୋଳନ କରାଯାଉଛି । ଏହି ଅଞ୍ଚଳଗୁଡ଼ିକୁ ଅତ୍ୟଧିକ ଶୋଷିତ ଭାବରେ ବର୍ଗୀକୃତ କରାଯାଇଛି । ଏହା ସହିତ, ୨୦୧ଟି ଅଞ୍ଚଳ ବିପଦପୂର୍ଣ୍ଣ ଅବସ୍ଥାରେ ଅଛି ଏବଂ ୭୫୮ଟି ସତର୍କତା ସ୍ତରରେ ଅଛି । ବର୍ତ୍ତମାନ ୪,୯୪୬ଟି ଅଞ୍ଚଳକୁ ସୁରକ୍ଷିତ ବୋଲି ବିବେଚନା କରାଯାଉଥିବା ବେଳେ, କିଛି ଅଞ୍ଚଳର ପାଣି ଲୁଣିଆ ହୋଇଯାଇଛି, ଯାହା ପାନୀୟ କିମ୍ବା କୃଷି ପାଇଁ ଅନୁପଯୁକ୍ତ। ସରକାରଙ୍କ ଅନୁଯାୟୀ, ଦେଶର ୭୩ ପ୍ରତିଶତ ଅଞ୍ଚଳ ସୁରକ୍ଷିତ ବର୍ଗରେ ଅଛି । ହେଲେ, ଏହି ଅଞ୍ଚଳଗୁଡ଼ିକ ମଧ୍ୟରୁ ଅନେକରେ, ଭୂତଳ ଜଳ ଆର୍ସେନିକ୍ ଯୋଗୁଁ ବିଷାକ୍ତ, ଯାହା ଫ୍ଲୋରାଇଡ୍ ଯୁକ୍ତ ଏବଂ ହାଡ଼ ପାଇଁ କ୍ଷତିକାରକ ହୋଇପାରେ। ଏଥିରେ ନାଇଟ୍ରେଟ୍ ମଧ୍ୟ ଅଛି, ଯାହା ପିଲାମାନଙ୍କ ପାଇଁ ଘାତକ। ଏହାର ସ୍ପଷ୍ଟ ଅର୍ଥ ହେଉଛି ଯେ ପାଣି ମାଟିରେ ଅଛି, କିନ୍ତୁ ମଣିଷ ପାଇଁ ନୁହେଁ । ସଂସଦରେ ସରକାରଙ୍କ ଦ୍ୱାରା ଉପସ୍ଥାପିତ ତଥ୍ୟ ଦର୍ଶାଉଛି ଯେ ଦେଶର ପ୍ରତି ଦଶଟି ଅଞ୍ଚଳରେ ଗୋଟିଏ ଭୂମିରୁ ଯେତିକି ପାଣି ନେବା କଥା ତାହାଠାରୁ ଅଧିକ ପାଣି ଟାଣି ନେଉଛି । ଦେଶରେ ୭୩୦ଟି ଅଞ୍ଚଳ ଅଛି ଯେଉଁଠାରୁ ଭୂମି ଧରି ରଖିବାର କ୍ଷମତାଠାରୁ ଅଧିକ ପାଣି ଉତ୍ତୋଳନ କରାଯାଉଛି । ଏହି ଅଞ୍ଚଳଗୁଡ଼ିକରେ ବୋରୱେଲଗୁଡ଼ିକ ପ୍ରତିବର୍ଷ ଗଭୀର ହେବାରେ ଲାଗିଛି, ସହରଗୁଡ଼ିକରେ ଟ୍ୟାଙ୍କର ପାଣି ଏକ ଆବଶ୍ୟକତା ପାଲଟିଛି, ଏବଂ କୃଷି ଏବଂ ପାନୀୟ ଜଳ ପରସ୍ପର ପାଇଁ ଅନାବଶ୍ୟକ ହୋଇପଡୁଛି ।

# ଜଳୁଛି ବାଂଲାଦେଶ, ଭାରତୀୟଙ୍କ ପାଇଁ ଆଡଭାଇଜରି ଜାରି କଲା ଭାରତ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ୧୮ ଡିସେମ୍ବର ୨୦୨୫ ବିଳମ୍ବିତ ରାତିରେ ବାଂଲାଦେଶରେ ପୁଣି ଅଶାନ୍ତି ସୃଷ୍ଟି ହୋଇଥିଲା । ଜୁଲାଇ ବିଦ୍ରୋହର ଜଣେ ପ୍ରମୁଖ ନେତା ଏବଂ ଇନକିଲାବ ମଞ୍ଚର ମୁଖପାତ୍ର ସରିଫ ଓସମାନ ହାଦି ଦୀର୍ଘ ଛଅ ଦିନ ଧରି ଜୀବନ ସହିତ ସଂଘର୍ଷ କରିବା ପରେ ସିଙ୍ଗାପୁରର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ମୃତ୍ୟୁବରଣ କରିଥିଲେ । ଯେଉଁଥିପାଇଁ ଦେଶବ୍ୟାପୀ ହିଂସା ଦେଖିବାକୁ ମିଳିଛି । ଏହି ସମୟରେ ଆଜି ସକାଳୁ ସକାଳୁ ବାଂଲାଦେଶରେ ଥିବା ଭାରତୀୟ ହାଇ କମିଶନ ଏକ ପରାମର୍ଶଦାତା ଜାରି କରିଛନ୍ତି। ଭାରତୀୟ ହାଇ କମିଶନ ବାଂଲାଦେଶରେ ଥିବା ଭାରତୀୟ ନାଗରିକଙ୍କ ପାଇଁ ଏକ ପରାମର୍ଶ ଜାରି କରି ସେମାନଙ୍କୁ ଘରେ ରହିବାକୁ ଅନୁରୋଧ କରିଛି। ହାଇ କମିଶନ ଭାରତୀୟମାନଙ୍କୁ ସ୍ଥାନୀୟ ଯାତ୍ରା ଏଡାଇବାକୁ ଏବଂ ସେମାନଙ୍କ ବାସସ୍ଥାନ ବାହାରେ ଭ୍ରମଣକୁ କମ କରିବାକୁ ଅନୁରୋଧ କରିଛି। କୌଣସି ଜରୁରୀକାଳୀନ ପରିସ୍ଥିତିରେ ସେମାନଙ୍କୁ ବାଂଲାଦେଶରେ ଥିବା ହାଇ କମିଶନ କିମ୍ବା ସହାୟକ ହାଇ କମିଶନଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଭାରତୀୟ ହାଇ କମିଶନ ଜରୁରୀକାଳୀନ ନମ୍ବର ମଧ୍ୟ ଜାରି କରିଛି ।

# ବିନା ଶୁଳ୍କରେ ଓମାନକୁ ଜିନିଷ ରପ୍ତାନୀ କରିବ ଭାରତ

**ନୂଆଦିଲ୍ଲୀ,୧୯।୧୨(ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶକ୍ତ ଧକ୍କାୟ ରୁଷରୁ ତେଲ କିଣୁଥିବାରୁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିଥିଲା ଆମେରିକାୟ ଏହା ଫଳରେ ଭାରତୀୟ ସାମଗ୍ରୀ ରପ୍ତାନୀ ହେବା କଷ୍ଟକର ହୋଇପଡ଼ିଥିଲା । ଏବେ ଏହାର ସମାଧାନର ବାଟ ବାହାର କରିଛନ୍ତି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଓମାନ ସହିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି ଭାରତୟ ଏବେ ବିନା ଶୁଳ୍କରେ ଓମାନକୁ ଭାରତ ଜିନିଷ ରପ୍ତାନୀ କରିବ । ୯୯% ଜିନିଷ ଉକରେ କେଣସି ଶୁଳ୍କ ଲାଗୁ କରିବ ନାହିଁ ଓମାନ । ଏହି ଚୁକ୍ତିନାମା ଭାରତର ଶ୍ରମ-କେନ୍ଦ୍ରିକ କ୍ଷେତ୍ର ଯେପରିକି ବସ୍ତ୍ର, ଚମଡା, ଜୋତା, ରତ୍ନ ଏବଂ ଅଳଙ୍କାର, ଇଞ୍ଜିନିୟରିଂ ଉତ୍ପାଦ, ପ୍ଲାଷ୍ଟିକ୍, ଫର୍ଣ୍ଣିଚର, କୃଷି ଉତ୍ପାଦ, ଔଷଧ, ଚିକିତ୍ସା ଉପକରଣ ଏବଂ ଅଟୋମୋବାଇଲ୍ ରପ୍ତାନିକୁ ବୃଦ୍ଧି କରିବ । ଏହା ନିଯୁକ୍ତି ସୃଷ୍ଟି କରିବ ଏବଂ କାରିଗର, ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ଏବଂ ଗଞ୍ଜଗର ଗୁଡ଼ିକୁ ମଜବୁତ କରିବ । ଏହା ଗତ ଛଅ ମାସ ମଧ୍ୟରେ ଭାରତର ଦ୍ୱିତୀୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମାୟ ଭାରତ ଗତ କିଛି ବର୍ଷ ମଧ୍ୟରେ ଅନେକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର କରିଛି, ଯାହା ଆମର ଚାଷୀ, ବ୍ୟବସାୟୀ ଏବଂ ରପ୍ତାନିକାରୀଙ୍କୁ ଲାଭ ଦେଉଛି । ଭାରତର ପ୍ରମୁଖ ଆମଦାନୀ ହେଉଛି ପେଟ୍ରୋଲିୟମ୍ ଉତ୍ପାଦ ଏବଂ ୟୁରିଆ, ଯାହା ମୋଟ ଆମଦାନୀର ୭୦ପ୍ରତିଶତରୁ ଅଧିକ ଅଟେ ।



# କର୍ମଚାରୀଙ୍କ ସୁରକ୍ଷା ପାଇଁ ଓୟୋର କଡ଼ା ପଦକ୍ଷେପ

**ପୁରୀ, ୧୯।୧୨ (ନି.ପ୍ର) :** ଓୟୋ କର୍ମଚାରୀଙ୍କୁ ଧମକ ଓ ନିର୍ଯ୍ୟାତନା ଘଟଣାରେ ଓୟୋ ପକ୍ଷରୁ ହୋଟେଲ ଅପରେଟର ମାନସ ରନ ଜେନାଙ୍କ ବିରୋଧରେ ପୁରୀ ବଳିଆପଣ୍ଡା ପୋଲିସ ଥାନାରେ ଏକ ଏଫଆଇଆର ଦାଖଲ କରାଯାଇଛି । ଗତ ୯ ଡିସେମ୍ବର ୨୦୨୫ ପୁରୀସ୍ଥିତ ହୋଟେଲ ବିବି ପ୍ୟାଲେସରେ ଘଟିଥିବା ଘଟଣାକୁ ନେଇ ଓୟୋର ନୋଡାଲ ଅଧିକାରୀ ମଧୁସୂଦନ ନାୟକ ଏହି ଏଫଆଇଆର ଦାଖଲ କରିଛନ୍ତି ।

ଅଭିଯୋଗ ଏହା ଯେ, ପରିଚାଳନା ଚୁକ୍ତିନାମା ଅନୁଯାୟୀ ଗତ ୯, ୨୦୨୫ ରେ କମ୍ପାନୀ ଦ୍ୱାରା ପରିଚାଳିତ ହୋଟେଲକୁ ଓୟୋ କର୍ମଚାରୀ ସନ୍ଦିପ ଡାନାନା ଅପରାହ୍ନରେ ରାଜସ୍ୱ ଆଦାୟ ଓ ବିବରଣୀ ସଂପର୍କିତ ଯାଂଚ ପାଇଁ ପଂହଚିଥିଲେ । କିଁ ସେହି ସମୟରେ ଉକ୍ତ ହୋଟେଲ ର ମ୍ୟାନେଜର କିଷନ, ଓୟୋ କର୍ମଚାରୀ ସନ୍ଦିପଙ୍କ ମୋବାଇଲକୁ ଫୋପାଡି ଦେବା ସହ ତାଙ୍କ ଉପରେ ଆକ୍ରମଣ କରିଥିଲେ । ଏହି ଘଟଣାରେ ବଳିଆ ନାମକ ଜଣେ କାର୍ଯ୍ୟରତ ହୋଟେଲର ସଫେଇ କର୍ମଚାରୀ ମଧ୍ୟ ସାମିଲ ଥିଲେ ଯିଏକି ତାଙ୍କୁ ଲୁହା ଛଡରେ ମାରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ ।

ଅଭିଯୋଗରେ ଆହୁରୀ ଉଲ୍ଲେଖ ରହିଛି ଯେ, ସନ୍ଦିପଙ୍କୁ ସେମାନଙ୍କ କବଳରୁ ମୁକୁଳାଇବା ପାଇଁ ବିମଳ ବରାଳ ନାମକ ଅନ୍ୟ ଜଣେ କର୍ମଚାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇ ପଂହଚିଲାବେଳକୁ ସେ ମଧ୍ୟ ଆକ୍ରମଣର ଶୀକାର ହୋଇଥିଲେ । ଏଫଆଇଆରରେ, ଓୟୋ ଅପରେଟର ମାନସ ରନ ଜେନା, ତାଙ୍କ ସହଯୋଗୀ ଏବଂ କର୍ମଚାରୀ କିଷାନ, ପୃଥ୍ୱୀ, ବଳିଆ ଏବଂ ଦିଲୀପଙ୍କୁ ଅଭିଯୁକ୍ତ ଭାବରେ ଦର୍ଶା ଯାଇଛି । ଓୟୋ ଏହା ମଧ୍ୟ କହିଛି ଯେ ଅପରେଟର ଗତ ସାତ ମାସ ମଧ୍ୟରେ କମ୍ପାନୀକୁ ୩୧ ଲକ୍ଷ ଟଙ୍କାର ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଛି ।

ଲିଖିତ ଅଭିଯୋଗ ଆଧାରରେ, ବଳିଆପଣ୍ଡା ପୋଲିସ ଷ୍ଟେସନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏହି ଏଫଆଇଆରକୁ ପିକୃତ କରିଛି, ଯେଉଁଥିରେ ମାଡ, ନିର୍ଯ୍ୟାତନା, ଅପରାଧିକ ବିଶ୍ୱାସ ଭଙ୍ଗ, ଅପବ୍ୟବହାର ଏବଂ ଅପରାଧିକ ଧମକ ସହିତ ଜଡିତ ଜଘନ୍ୟ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ । ସ୍ଥାନୀୟ ପୋଲିସ ବର୍ତ୍ତମାନ ଘଟଣାକୁ ତଦଂ ପରିସରକୁ ନେବା ସହ ଓୟୋ ପକ୍ଷରୁ ପରିଚାଳିତ ହୋଟେଲରେ ଥିବା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛି ।

## ଏଆଇ ରିସୋର୍ସ ୱାର୍କିଂ ଗ୍ରୁପର ଗଣତାନ୍ତ୍ରିକ କରିବା ଉପରେ ଇଣ୍ଡିଆ ଏଆଇ ମିଶନ କନକ୍ଲେଭ ଆୟୋଜିତ

# ଆଞ୍ଚଳିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଇମ୍ପାକ୍ଟ କନଫରେନ୍ସ ଏବଂ ଇଣ୍ଡିଆ ଏଆଇ ଇମ୍ପାକ୍ଟ ମିଟ -୨୦୨୬ ରୋଡମ୍ୟାପ ସମ୍ପର୍କରେ ଆଲୋଚନା

**ଭୁବନେଶ୍ୱର, ୧୯।୧୨ (ନି.ପ୍ର):** ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରାଳୟ ଅଧୀନରେ ଥିବା ଇଣ୍ଡିଆ । ଏଆଇ ମିଶନ ପକ୍ଷରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଆଜି ମେଫେୟାର କନଭେନସନ୍ସେଣ୍ଟରରେ ଏଆଇ ରିସୋର୍ସ ୱାର୍କିଂ ଗ୍ରୁପର ଗଣତାନ୍ତ୍ରିକ କନକ୍ଲେଭ ଅନୁଷ୍ଠିତ ହୋଇଯାଇଛି । ଇଜିପ୍ଟର ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସମ୍ବଳର ଗଣତାନ୍ତ୍ରିକ କରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ଏବଂ ଓଡ଼ିଶାରେ ଆଞ୍ଚଳିକ ଏଆଇ ପ୍ରଭାବ ସମ୍ମିଳନୀର ଶୁଭାରମ୍ଭ ହୋଇଥିଲା । ଏହି ସମ୍ମିଳନୀ ୧୮-୨୦ଡିସେମ୍ବର, ୨୦୨୫ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟଗୋଷ୍ଠୀ ବୈଠକରେ ବରିଷ୍ଠ ନୀତି ନିର୍ମାତା, ଶିଳ୍ପ ବିଶେଷଜ୍ଞ ଏବଂ ଶିକ୍ଷାବିତ୍ ମାନଙ୍କୁ ଭାରତ ଏଆଇ ମିଶନ ଅଧୀନରେ ଡାଟା ଭିତ୍ତିଭୂମି, ଗଣନା ପ୍ରବେଶ, ଦକ୍ଷତା ବିକାଶ ଏବଂ କ୍ଷେତ୍ରୀୟ ଏଆଇ ମୁତୟନ ପାଇଁ ରଣନୀତି ବିକଶିତ କରିବା ପାଇଁ ଡକା ଯାଇଥିଲା ।

ଇଣ୍ଡିଆ । ଏଆଇ ଇମ୍ପାକ୍ଟ ସମିଟ୍ ୱାର୍କିଂ ଗ୍ରୁପ୍ ଇଣ୍ଡିଆ । ଏଆଇ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ, ଯେଉଁଥିରେ ସାତଟି ସ୍ୱତନ୍ତ୍ର ଥିମେଟିକ୍ଚୋରମ ରହିଛି ଯାହା ସରକାର, ଶିଳ୍ପ, ଶିକ୍ଷାନୁଷ୍ଠାନ ଏବଂ ନାଗରିକ ସମାଜର ହିତାଧିକାରୀ ମାନଙ୍କୁ ଏକତ୍ରିତ କରି ସାରା ଦେଶରେ ଏଆଇ ଗ୍ରହଣ କରିବା ପାଇଁ କାର୍ଯ୍ୟକ୍ଷମ ରୋଡମ୍ୟାପ ବିକଶିତ କରିଥାଏ । ଏହି ଗୋଷ୍ଠୀ ଗୁଡ଼ିକ ମାନବ ପୁଞ୍ଜି, ସାମାଜିକ ସଶକ୍ତି କରଣ ପାଇଁ ସମାବେଶନ, ନିରାପଦ ଏବଂ ବିଶ୍ୱସନୀୟ ଏଆଇ, ନମନୀୟତା, ନବ ସୃଜନ ଏବଂ ଦକ୍ଷତା, ବିଜ୍ଞାନ ଏବଂ ଅର୍ଥନୈତିକ ବିକାଶ ତଥା ସାମାଜିକ କଲ୍ୟାଣ ପାଇଁ ଏଆଇ ଉପରେ ଧ୍ୟାନ ଦେଇଥାନ୍ତି । ଭୁବନେଶ୍ୱରରେ ଆଜିର ଅଧିବେଶନ ଏଆଇ ସମ୍ବଳକୁ ଗଣତାନ୍ତ୍ରିକ କରିବା ଉପରେ କେନ୍ଦ୍ରିତ ହୋଇଛି, ଯାହା ମୂଳଦୁଆ । ଏଆଇ ସକ୍ଷମକାରୀଙ୍କ ପାଇଁ ସମାନ ଉପଲବ୍ଧତା ଉପରେ ସହମତି ସୃଷ୍ଟି କରି ଏହି ଜନାଦେଶର ଉଦାହରଣ ଅଟେ ।




ଉଦଘାଟନୀ ସମାରୋହରେ ଓଡ଼ିଶା ସରକାରଙ୍କ ଇଆଇଟି ବିଭାଗର ପ୍ରମୁଖ ସଚିବ ଶ୍ରୀ ବିଶାଲ କୁମାର ଦେବ ସ୍‌ୱାଗତ ଭାଷଣ ଦେଇଥିଲେ । ଏହାପରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଦୀପ ଶ୍ରୀବାସ୍ତବ ମୁଖ୍ୟ ବକ୍ତବ୍ୟ ରଖିଥିଲେ । ଶ୍ରୀ ଅହମ୍ମଦ ହେଫନାୱି, ଏଆଇ ଗଭର୍ଣ୍ଣାନ୍ସ ବିଶେଷଜ୍ଞ, ଇଜିପ୍ଟ; ପ୍ରଫେସର ପଦକ ମୌଲକର, ନିର୍ଦ୍ଦେଶକ, ଆଇଆଇଟି ଭୁବନେଶ୍ୱର; ଶ୍ରୀ ସୌରଭ ଗର୍ଗ, ସଚିବ, ଏମଓଏସପିଆଇ, ଭାରତ ସରକାର; ଶ୍ରୀ ମନୋଜ ଆହୁଜା, ମୁଖ୍ୟ ଶାସନ ସଚିବ, ଓଡ଼ିଶାସରକାରଙ୍କ ଏହି ଅବସରରେ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କ ସ୍ୱତନ୍ତ୍ର ଭାଷଣରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ ଶ୍ରୀ ମାନସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ସରକାରଙ୍କ ଇଓଆଇଟି ବିଭାଗର ପ୍ରମୁଖ ସଚିବ ଶ୍ରୀବିଶାଲ କୁମାର ଦେବ ଭୁବନେଶ୍ୱରରେ ଅନୁଷ୍ଠିତ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ । ସେ କହିଥିଲେ ଯେ ଆଞ୍ଚଳିକ ଭାରତ ଏଆଇ ପ୍ରଭାବ ଶିଖର ସମ୍ମିଳନୀ ଆୟୋଜନ ପାଇଁ ଆଠଟି ରାଜ୍ୟ ମଧ୍ୟରୁ ଓଡ଼ିଶା ଅନ୍ୟତମ । ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଶ୍ରୀ ସୁଦୀପ ଶ୍ରୀବାସ୍ତବ ଜୋର ଦେଇ କହିଥିଲେ ଯେ କାର୍ଯ୍ୟକାରୀ ଗୋଷ୍ଠୀର ବିଷୟବସ୍ତୁ ଭାରତ ଏଆଇ ପ୍ରଭାବ ସମ୍ମିଳନୀ ୨୦୨୬ର କେନ୍ଦ୍ରରେ ରହିଛି ଏବଂ ଭାରତର ଗଣତାନ୍ତ୍ରିକ ନୀତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଏଆଇ ସମ୍ବଳକୁ ଗଣତାନ୍ତ୍ରିକ କରିବା ପାଇଁ ଏହା ହେଉଛି ଚତୁର୍ଥ ବୈଠକ ।

ଇଜିପ୍ଟର ଏଆଇ ଗଭର୍ଣ୍ଣାନ୍ସ ବିଶେଷଜ୍ଞ ଶ୍ରୀ ଅହମ୍ମଦ ହେଫନାୱିୱାର୍କିଂଗ୍ରୁପ୍ ଏବଂ ଶିଖର ସମ୍ମିଳନୀ ପାଇଁ ସଠିକ୍ୱର ଉତ୍ତୋଳନ କରିବାରେ ଭାରତର ପ୍ରୟାସକୁ ପ୍ରଶଂସା କରି ଗ୍ଲୋବାଲ୍ସାଉଥ୍ର ପ୍ରତିନିଧିତ୍ୱ କରୁଥିବା ସମାନ ଏଆଇ ପ୍ରବେଶ ପାଇଁ ସହ-ଅଧ୍ୟକ୍ଷ ଭାବରେ ସମର୍ଥନ କରିବାକୁ ଇଜିପ୍ଟର ପ୍ରତିବଦ୍ଧତାକୁ ନିଶ୍ଚିତ କରିଛନ୍ତି ।

ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀ ପଦକ ମୌଲକର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବ୍ୟବହାରକାରୀଙ୍କୁ ବିଶ୍ୱସନୀୟ ଭାବରେ ପ୍ରାମାଣିକ ସୂଚନା ପାଇବାରେ ସକ୍ଷମ କରିବା ସହିତ ଭାରତକୁ ଏହାର ଭାଷା ଏବଂ ଭୌଗୋଳିକ ତଥ୍ୟ ସହିତ ବିଶ୍ୱସ୍ତରରେ ନେତୃତ୍ୱ ନେବାକୁ ଅନୁରୋଧ କରିଥିଲେ । ଭାରତ ସରକାରଙ୍କ ଏମଓଏସପିଆଇ ସଚିବ ଶ୍ରୀ ସୌରଭ ଗର୍ଗ କହିଛନ୍ତି ଯେ ଫେବୃଆରୀରେ ଇଜିପ୍ଟ ଏବଂ କେନିଆର ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭାରତ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଓଡ଼ିଶା କାର୍ଯ୍ୟକାରୀ ଗୋଷ୍ଠୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏଥିରେ ୫୦ ରୁ ଉର୍ଦ୍ଧ୍ ଦେଶ ଏଆଇ ସମ୍ବଳକୁ ଗଣତାନ୍ତ୍ରିକ କରିବା ପାଇଁ ଚାର୍ଟର ଚୂଡ଼ାନ୍ତ କରିବାକୁ ଅଂଶଗ୍ରହଣ କରିଥିଲେ ।

ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଜୋର ଦେଇ କହିଥିଲେ ଯେ, ଭାରତର ସାର୍ବଜନୀନ ଡିଜିଟାଲ ଭିତ୍ତିଭୂମି ଆଭିମୁଖ୍ୟ ସହିତ ସମାନ ଭାବେ କମ୍ପ୍ୟୁଟ ଏବଂ ଡାଟା ଭଳି ଉପଲବ୍ଧ ସାର୍ବଜନୀନ ସାମଗ୍ରୀ ମାଧ୍ୟମରେ ନାଗରିକ ମାନଙ୍କୁ ସଶକ୍ତ କରି ଏଆଇସ୍ୱାଭାବିକ ଭାବେ ବୁଦ୍ଧିମତାକୁ ଗଣତାନ୍ତ୍ରିକ କରିଥାଏ ।

# ଖିମଜୀ ଜୁଏଲର୍ସ ପକ୍ଷରୁ ଯାଜପୁର ରୋଡ (ବ୍ୟାସନଗର)ରେ ଓଡ଼ିଶାର ୧୧ତମ ଶୋରୁମ ଉଦ୍‌ଘାଟିତ

**ଯାଜପୁର ରୋଡ୍, ୧୯।୧୨ (ନି.ପ୍ର) :** ଓଡ଼ିଶାର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଖିମଜୀ ଜୁଏଲର୍ସ ଏବେ ଯାଜପୁର ରୋଡ୍ରେ ଏହାର ଭବ୍ୟ ୬୦୦୦ ବର୍ଗଫୁଟ ଶୋରୁମ୍ ଖୋଲୁଛି । ପଙ୍କଜ ହୋଟେଲ ନିକଟସ୍ଥ ବ୍ୟାଙ୍କ ଷ୍ଟ୍ରିଟ୍ ରୋଡ୍ରେ ଅବସ୍ଥିତ ଏହି ଶୋରୁମ ଯାଜପୁର ରୋଡ୍ର ସବୁଠାରୁ ବଡ଼ ଜୁଏଲରୀ ଶୋରୁମ୍ ଏବଂ ବ୍ରାଣ୍ଡ ଓଡ଼ିଶାରେ ୧୧ତମ ଶୋରୁମ୍ । ଏଠାରେ ସୁନା, ହୀରା ଓ ରୂପା ଗହଣାର ବିଶାଳ ଓ ଅସାଧାରଣ ସଂଗ୍ରହ ସହିତ ବିଭିନ୍ନ ପ୍ରକାରର ଫ୍ୟାଶନ ଗହଣା ଏବଂ କର୍ପୋରେଟ୍ ଉପହାର ସାମଗ୍ରୀ ବିକଳ୍ପମାନ ଉପଲବ୍ଧ ।

ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମୀତ ଖିମଜୀ, ଖିମଜୀ ପରିବାରର ସଦସ୍ୟମାନେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

ଆଧୁନିକ ଡିଜାଇନ୍ ଓ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍କୁ ଯତ୍ନରେ ଡିଜାଇନ୍ କରାଯାଇଛି ଯାହା ଗ୍ରାହକମାନଙ୍କୁ ଏକ ଅବିସ୍ମରଣୀୟ ଗହଣା କିଣା ଅନୁଭୂତି ପ୍ରଦାନ କରିବ । ଷ୍ଟୋର୍ ଲେଆଉଟ୍ ଗ୍ରାହକମାନଙ୍କୁ ଖିମଜୀ ଜୁଏଲର୍ସର ଅସାଧାରଣ କାରିଗରୀ ଅନ୍ୱେଷଣ କରିବାର ସୁଯୋଗ ଦେଇଥାଏ ଯାହା କାଳଜୟୀ ସୁନା ଓ ହୀରା ଗହଣାରୁ ଆରମ୍ଭ କରି ନୂଆ । ରୂପା ଓ ଫ୍ୟାଶନ ଗହଣା ପର୍ଯ୍ୟନ୍ତ ରହିଛି । ଏହି ଷ୍ଟୋର୍ କର୍ପୋରେଟ୍ ଉପହାରର ବୃଥିବା ଚାହିଦାକୁ ମଧ୍ୟ ପୂରଣ କରିବ ଏବଂ କର୍ପୋରେଟ୍ କ୍ଲାଏଂଟମାନଙ୍କ ପାଇଁ ଅନନ୍ୟ ଓ ବେସ୍ପୋକ୍ ଉତ୍ପାଦ ପ୍ରଦାନ କରିବ । ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମିତେଶ ଖିମଜୀ କହିଛନ୍ତି ଯେ, ଯାଜପୁର ରୋଡ୍ ଦୀର୍ଘ କାଳରୁ ଓଡ଼ିଶାର ଶିଳ୍ପ ବିକାଶର କେନ୍ଦ୍ରବିନ୍ଦୁ ରହିଛି ଏବଂ ଆଜି ଏହା ଉଦୀୟମାନ ଆକାଂକ୍ଷା ଓ ବିକଶିତ ଜୀବନଶୈଳୀର ଏକ ପ୍ରମୁଖ ସ୍ଥାନ । ଖିମଜୀ ଜୁଏଲର୍ସରେ ଆମେ ଏହାକୁ ଯାଜପୁର ରୋଡ୍ର ଅଗ୍ରଗତିର ଯାତ୍ରାରେ ଯୋଗ ଦେବାର ଉପଯୁକ୍ତ ସମୟ ଭାବି ଦେଖୁଛୁ । ଆମର ନୂଆ । ଶୋରୁମ୍ ମାଧ୍ୟମରେ ଆମେ ଗ୍ରାହକମାନଙ୍କୁ କେବଳ ଆମର ବିଶ୍ୱାସ ଓ କାରିଗରୀର ଐତିହ୍ୟ ନୁହେଁ ବରଂ ସେମାନଙ୍କ ଆଧୁନିକ ଓ ପ୍ରିମିୟମ୍ ଜୀବନଶୈଳୀର ଆକାଂକ୍ଷା ସହିତ ମିଶୁଥିବା ଡିଜାଇନ୍ ମଧ୍ୟ ଆଣିବୁ । ଏହି ବିସ୍ତାର ଯାଜପୁର ରୋଡ୍ର ଗତିଶୀଳତାର ଉତ୍ସବ ଏବଂ ଓଡ଼ିଶା ଭରରେ ବିଚକ୍ଷଣ ଗ୍ରାହକମାନଙ୍କୁ ସେବା କରିବାର ଖିମଜୀର ପ୍ରତିବଦ୍ଧତାର ଏକ ପଦକ୍ଷେପ ।




ନୂଆ । ଶୋରୁମର ଶୁଭାରମ୍ଭ ପୂର୍ବରୁ ବିଶେଷ ଉଦଘାଟନୀ ଅଫର୍ ଘୋଷଣା କରାଯାଇଛି । ଗ୍ରାହକମାନେ ସୁନା ଗହଣାର ନିର୍ମାଣ ଶୁଳ୍କରେ ଫ୍ଲାଟ୍ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି ରୂପା ଓଜନ ଆଇଟମ୍ର ଗା ମୂଲ୍ୟରେ ଫ୍ଲାଟ୍ ୨୫% ରିହାତି, ରୂପା ଓ ଫ୍ୟାଶନ ଗହଣା ଏମଆରପି ଆଇଟମ୍ରେ ଫ୍ଲାଟ୍ ୧୫% ରିହାତି ଏବଂ ଆର୍ଟିଫ୍ୟାକ୍ଟସ୍ରେ ଫ୍ଲାଟ୍ ୧୦% ରିହାତି ପାଇପାରିବେ ।

୧୯୩୬ ମସିହାରୁ ବିଶ୍ୱାସ ଓ ଉତ୍କର୍ଷତାର ଐତିହ୍ୟ ସହିତ ଖିମଜୀ ଜୁଏଲର୍ସ ଦୂରଦ୍ରଷ୍ଟା ଶ୍ରୀ ଖିମଜୀ ଦୟାଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଯାହା ନବେ ଦଶକ ଧରି ଗହଣା ଅନୁଭବକୁ ନୂଆ । ରୂପ ଦେଇଆସୁଛି । ଭୁବନେଶ୍ୱର (ଚାରିଟି ଶୋରୁମ୍), କଟକ, ରାଉରକେଲା, ବ୍ରହ୍ମପୁର, ପୁରୀ, ଝାରସୁଗୁଡ଼ା, ଅନୁଗୁଳ ଏବଂ ଏବେ ଯାଜପୁର ରୋଡ୍ରେ ଶୋରୁମ୍ ସହିତ ଖିମଜୀ ଜୁଏଲର୍ସ ଓଡ଼ିଶା ଓ ତା' ବାହାରେ ଏକ ପରିବାର ନାମ ଭାବେ ନିଜର ଉପସ୍ଥିତିକୁ ଦୃଢ଼ କରି ପ୍ରତ୍ୟେକ ଦ୍ୱାରଦେଶରେ ସୌନ୍ଦର୍ଯ୍ୟ, ପରମ୍ପରା ଓ କାଳଜୟୀ ଡିଜାଇନ୍ ପହଂଚାଇଛି ।

# ସାମସଙ୍ଗ ପ୍ରଯୁକ୍ତିବିଦ୍ୟା ଜରିଆରେ ଭାରତୀୟ କ୍ରୀଡ଼ାର ପ୍ରବେଶ ଏବଂ ଅନ୍ତର୍ଭୁକ୍ତିକୁ ଅନଲକ କରିଛି

**ଭୁବନେଶ୍ୱର, ୧୯।୧୨ (ନି.ପ୍ର):** କ୍ରୀଡ଼ା ଯାହାକି ବେଶ୍ କିଛିଦିନ ଅବଧି ପର୍ଯ୍ୟନ୍ତ ସାମାଜିକ ଚଳମାନତାର ଏକ ଯାନ ହୋଇ ରହିଛି କିନ୍ତୁ କ୍ରୀଡ଼ା ପ୍ରଶିକ୍ଷଣ, ସୁବିଧା ସୁଯୋଗ ଏବଂ ଏଥିରେ ପ୍ରବେଶ ସମ୍ଭବତଃ ଦକ୍ଷ ଏବଂ ଭୌଗୋଳିକ ପରିବେଶକୁ ନେଇ ସଂକୁଚିତ ହୋଇଯାଇଛି । ସାମସଙ୍ଗ ସଲଭ ଫର ଟୁମରୋ ୨୦୨୫ରେ, ସାମସଙ୍ଗର ଫ୍ଲାଗସିପ୍ ଶିକ୍ଷା କାର୍ଯ୍ୟକ୍ରମ, ଆଇଆଇଟି ଦିଲ୍ଲୀର ସହଭାଗୀତାରେ, କ୍ରୀଡ଼ାର ପଥକୁ ପୁନଃକଳ୍ପନାତିତ କରି ଯୁବବର୍ଗଙ୍କ ମଧ୍ୟରେ ପ୍ରଯୁକ୍ତିବିଦ୍ୟାକୁ ଗଣତାନ୍ତ୍ରିକ ଆଧାରରେ ଗ୍ରହଣ ଏବଂ ଅନ୍ତର୍ଭୁକ୍ତି କରିବା ସହିତ ସୁଯୋଗକୁ ଆହୁରି ବୃଦ୍ଧି କରିଛି ଯେଉଁଥିରେ କି ସମଗ୍ର ଦେଶରୁ ହଜାର ହଜାର ସଂଖ୍ୟାରେ ବିଦ୍ୟାର୍ଥୀ ଏକାଠି ହୋଇ ସେହି ପ୍ରସଙ୍ଗ ଉପରେ ମତବ୍ୟକ୍ତ କରିଛନ୍ତି ଯାହାର ବିଷୟବସ୍ତୁ ହେଉଛି 'କ୍ରୀଡ଼ା ଏବଂ ପ୍ରଯୁକ୍ତିବିଦ୍ୟା ଜରିଆରେ ସାମାଜିକ ପରିବର୍ତ୍ତନ' । ଭାରତୀୟ କ୍ରୀଡ଼ାର ପଥ କିଭଳି ଭାବରେ ଉନ୍ମୁକ୍ତ ହୋଇ ରହିଛି ତାହା ଏଖାରେ ଉଲ୍ଲେଖ କରାଯାଇଛି ।

ଏହି ବିଭାଗ ଉଦ୍ଭାବନର ସମ୍ପ୍ରସାରିତ ଗ୍ରହଣୀୟତାକୁ ଆମନ୍ତ୍ରଣ କରିଛି ଯାହା ମଧ୍ୟରେ ରହିଛି -ତାଲିମ, ଭର୍ଚୁଆଲ ପ୍ରଶିକ୍ଷଣ, ଇ-ସ୍ପୋର୍ଟସ ଏବଂ ଦକ୍ଷତା ବିକାଶ - ଯାହାର ମୂଳ ଲକ୍ଷ୍ୟ ଏକ ସୁସ୍ଥ, ଆକାଂକ୍ଷିତ ଭବିଷ୍ୟତକୁ ଯୁବବର୍ଗଙ୍କ ମଧ୍ୟରେ ସମଗ୍ର ଭାରତରେ ପ୍ରତିଷ୍ଠା କରିବା ।

ଟେନିସ ଖେଳାଳୀ ଏବଂ ଆଇଆଇଆଇଟି ପୁନ୍ନା ପ୍ରଯୁକ୍ତି ବିଜ୍ଞାନ ଛାତ୍ର ଆଦିସ ସେଲକେ ଏବଂ ଭାଗ୍ୟଶ୍ରୀ ମିନା ଏହି ନେକ୍ସଟ ପ୍ଲେ ଏଆଇକୁ ସୃଷ୍ଟି କରିଛନ୍ତି ଯାହାକି ଏକ ଏଆଇ କ୍ଷମତାଯୁକ୍ତ ମଂଚ ଯାହାକି ଦୃଶ୍ୟମାନତାକୁ ବିଶ୍ଳେଷଣ କରିବା ସହିତ ଯାନ୍ତ୍ରିକ ଶିକ୍ଷାକୁ ବ୍ୟକ୍ତିଗତ ମନ୍ତବ୍ୟ ଜରିଆରେ କ୍ରୀଡ଼ା କ୍ଷେତ୍ରରେ ପ୍ରାଧାନ୍ୟ ପ୍ରଦାନ କରିବା ସହିତ ଦକ୍ଷତାର ତୁଳନା କରିପାରିଛି । ସେମାନଙ୍କର ଲକ୍ଷ୍ୟ ମିଳିତ ଭାବରେ ଗ୍ରହଣକାରୀତାକୁ ଦିଗଦର୍ଶନ ଦେବା ସହିତ ଯେକୌଣସି ସ୍ଥାନରେ ଏହାକୁ ଗ୍ରହଣୀୟକାରୀ କରିବା । ଅନ୍ୟାନ୍ୟ ଚୂଡ଼ାନ୍ତକାରୀ ଏବଂ ବିଜେତା ମାନେ ଏଭଳି କୌଶଳର ସୃଷ୍ଟି କରିବା ସହିତ ସମସ୍ତଙ୍କ ପାଇଁ ଏହି କ୍ରୀଡ଼ାକୁ ଗ୍ରହଣୀୟ କରିପାରିଛନ୍ତି, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି: ସତର ସ୍ୱୟଙ୍କୁ (ଆସାମ): ଏଆଇ କ୍ଷମତାଯୁକ୍ତ ସମାଧାନ ଏଫଆଇଡ଼ିଇ ସହିତ ମିଳିତ ଭାବରେ ଦୃଷ୍ଟିବାଧିତଙ୍କ ପାଇଁ ଏଭଳି ଏକ ଚେ୍ସ ଖେଳକୁ ସ୍ୱାଧୀନ ଭାବରେ ଖେଳିବା ପାଇଁ ସକ୍ଷମ କରିପାରିଛି ।

ସ୍ପୋର୍ଟସ ଫର ଅଟିଜିମ୍ (ତାମିଲନାଡୁ): ହାଇବ୍ରିଡ୍ ଆପଯୁକ୍ତ ଗେମିଫାଇସ ଚିକିତ୍ସା ବ୍ୟବହାର କରି ବିଶେଷ ଭାବରେ ଅଟିଜିମ୍ ପିଲାମାନଙ୍କ ପାଇଁ କ୍ରୀଡ଼ା, ଟ୍ରାକିଙ୍ଗର ଅଭିବୃଦ୍ଧି ଏବଂ ଏଥିସହିତ ଯୋଡ଼ି ହୋଇ ରହିବାର ବିଶେଷ ଗୁଣକୁ ଆହୁରି ଅଧିକ କ୍ରିୟାଶୀଳ କରିପାରିଛି । ଷ୍ଟାଟସକୋଡ଼୨୦୦ (ଉତର ପ୍ରଦେଶ): ଏଆଇ କ୍ଷମତାଯୁକ୍ତ ଏହି ଆପ୍ ବିଦ୍ୟାର୍ଥୀ ଖେଳାଳୀ ମାନଙ୍କୁ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ (ପୋସଚ୍ର ପରୀକ୍ଷଣ, ବିକାଶ ସ୍ତର) ବ୍ୟକ୍ତିଗତ ପ୍ରଶିକ୍ଷଣ ପ୍ରଦାନ କରିଥାଏ । ୟୁନିଟ (ତାମିଲନାଡୁ): ଏଭଳି ଏକ ପେଟେଂଟ ଉପକରଣ ଅଟିଷ୍ଟିକ୍ ପିଲାମାନଙ୍କୁ ଗେମିଫାଇଡ଼ ପରିବେଶ ପାଇଁ ତଥା ସେମାନଙ୍କର ସାମଗ୍ରୀକ ବିକାଶ ପାଇଁ ବ୍ୟବହାରରେ ଲାଗିଥାଏ ।

ବିଜେତା ମାନେ ଆଇଆଇଟି ଦିଲ୍ଲୀଠାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଇନକ୍ୟୁବେସନ ସମର୍ଥନକାରୀତା ପ୍ରାପ୍ତ ହୋଇପାରିବେ, ଏଥିସହିତ ଅତିରିକ୍ତ ଭାବରେ ପ୍ରମୁଖ ଦଳ ପୁରସ୍କୃତ ହେବେ ଯାହା ମଧ୍ୟରେ ରହିଛି ୧ ଲକ୍ଷ ଟଙ୍କାର ଗ୍ରାଂଟ, ଗୁଡ଼ୱିଲ ଆୱାର୍ଡ଼ ତଥା ୟଙ୍ଗ ଇନୋଭେଟର ଆୱାର୍ଡ଼ ଏବଂ ୨୦ଟି ପ୍ରମୁଖ ଦଳକୁ ଗାଲାକ୍ସି ଜେଡ଼ ଫ୍ଲିପ୍ ସ୍ମାର୍ଟଫୋନ ।

ଏସଏଫଟି ୨୦୨୫ ଦୁଇ ଶ୍ରେଣୀୟ ଏବଂ ତିନି ଶ୍ରେଣୀୟ ସହର ଗୁଡ଼ିକରେ ରହିଥିବା ବ୍ୟାପକ ଅଂଶଗ୍ରହଣକାରୀତା ସହିତ ଅଂଶଗ୍ରହଣକାରୀ ମାନେ ଯେଉଁସବୁ ଗ୍ରହଣକାରୀତାକୁ ଲାଭ କରିପାରିବେ ତାହା ମଧ୍ୟରେ ରହିଛି ଏଫଆଇଟିଟି ଲାବର ଗ୍ରହଣକାରୀତା - ଯାହାକି କ୍ରୀଡ଼ାର ବ୍ୟାପକତା ଦିଗରେ ମେଟ୍ରୋ ବ୍ୟତୀତ ଜ୍ଞାନକୌଶଳର ବିବିଧତାକୁ ପ୍ରବେଶ କରାଇବା ।

ଚିନ୍ତାଶୀଳ କର୍ମଶାଳା ଗୁଡ଼ିକ ବିଦ୍ୟାର୍ଥୀ ମାନଙ୍କୁ ଉତ୍ସାହିତ କରିବା ସହିତ ଏଆଇ ସମାଧାନ ଗୁଡ଼ିକୁ ପ୍ରସ୍ତୁତ କରିବା ଯାହାକି ଦାୟିତ୍ୱବୋଧତା ପାଇଁ ରହିଥିବା ବିଭିନ୍ନ ଅସୁବିଧା ଗୁଡ଼ିକର ପ୍ରକୃତ ସମାଧାନ ଦିଗରେ ଏହା ଡ଼ିଜାଇନ ହୋଇଥିବା ବେଳେ ନବୀନତା ସହିତ ଏକାଠି ହୋଇ ଗତିଶୀଳ ଡ଼ିଜିଟାଲ ଦୁନିଆର ରହିଥିବା ଚଳଚଂଚଳ ସାମାଜିକ ଆବଶ୍ୟକତାକୁ ଏହା ଯଥାର୍ଥରେ ପରିପୂରଣ କରିପାରିଛି । ୨୦୧୦ ମସିହାରୁ ସାମସଙ୍ଗ ସଲଫ ଫର ଟୁମୋର ୨.୯ ମିଲିୟନ ଯୁବ ପ୍ରତିଭାଧାରୀ ମାନଙ୍କୁ ୬୮ଟି ଦେଶ ମଧ୍ୟରୁ ଏଥିରେ ଏକାଠି କରି ଏସଏଫଟି ଅବିରତ ଭାବରେ ଭାରତରେ ପରବର୍ତ୍ତି ପୀଢ଼ି ସମସ୍ୟା ସମାଧାନକାରୀ ମାନଙ୍କର ଆକୃତିକୁ ଯଥାର୍ଥରେ ଗଢ଼ି ଚାଲିଛି ଏଥିସହିତ ବିଦ୍ୟାର୍ଥୀ ମାନଙ୍କୁ ଏସଟିଇଏମ ସମାଧାନର ପ୍ରସ୍ତୁତିରେ ଥିବା ବିଭିନ୍ନ ଉପକରଣ ଗୁଡ଼ିକୁ ଏହାର ମେଂଟରସିପ୍ ଜରିଆରେ ବିବିଧ ଭାବରେ ଉପସ୍ଥାପିତ କରିଛି । ଭାରତର ବିବିଧ ଅବଦାନ ବର୍ଷକୁ ବର୍ଷ ବୃଦ୍ଧି ପାଇବାରେ ଲାଗିଛି ।

# ଚଳିତ ଖ୍ରୀଷ୍ଟମାସରେ ଆଲମଣ୍ଡର ଉତମତା ସହିତ ଦିଅନ୍ତୁ ସୁସ୍ଥତାର ଉପହାର

**ଭୁବନେଶ୍ୱର, ୧୯।୧୨ (ନି.ପ୍ର) :** କ୍ରିସମାସ ନିକଟତର ହେବା ସହିତ ସଭିଏଁ ବର୍ତ୍ତମାନ ଏହାର ସେଲିବ୍ରେସନକୁ ନେଇ ଉତ୍ସାହିତ । ତେଣୁ ଚଳିତବର୍ଷ କାଲିଫର୍ଣ୍ଣିଆ ଆଲମଣ୍ଡର ଉତମତା ସହିତ ଆପଣଙ୍କର ଉତ୍ସବମୟ ଭୋଜନ ଏବଂ ଉପହାର ପରମ୍ପରାକୁ ଆହୁରି ଦ୍ୱିଗୁଣିତ କରନ୍ତୁ । ୧୫ଟି ଆବଶ୍ୟକୀୟ ପୋଷକତତ୍ୱରେ ସମୃଦ୍ଧ ଆଲମଣ୍ଡ ହୃଦୟ ସୁସ୍ଥତାକୁ ସମର୍ଥନ କରେ, ଦୀର୍ଘକାଳୀନ ଶକ୍ତି ଯୋଗାଏ ଏବଂ ଭୋକ ନିୟନ୍ତ୍ରଣରେ ସାହାଯ୍ୟ କରେ । କାଲିଫର୍ଣ୍ଣିଆ ଆଲମଣ୍ଡର ବହୁମୁଖୀତା ଏହାର ସବୁଠାରୁ ବଡ଼ ଶକ୍ତି ମଧ୍ୟରୁ ଅନ୍ୟତମ । ମସଲାଦାର ଫଳ କେକ୍ ଏବଂ ସ୍ୱାଦିଷ୍ଟ କୁକିଜ୍ ଠାରୁ ଆରମ୍ଭ କରି ପାରମ୍ପରିକ ଭାରତୀୟ ମିଠା ଏବଂ ଆଧୁନିକ ବେକଡ ଟ୍ରିଟ୍ ପର୍ଯ୍ୟନ୍ତ, ଆଲମଣ୍ଡ ସହଜରେ ଉତ୍ସବକାଳୀନ ଭୋଜନରେ ସାମିଲ ହୋଇଯାଏ । ଭାରତରେ ଅଧିକାଂଶ ପରିବାର ଖାଦ୍ୟ ସଚେତନ ହେଉଥିବାରୁ କାଲିଫର୍ଣ୍ଣିଆ ଆଲମଣ୍ଡ ଏବେ ଜଳଖିଆରେ ଏକ ଲୋକପ୍ରିୟ ଯୋଗ ହେଉଛି । କାଲିଫର୍ଣ୍ଣିଆ ଆଲମଣ୍ଡକୁ ଖ୍ରୀଷ୍ଟମାସ ଉପହାର ଭାବରେ ଦେବା ମଧ୍ୟ ଏକ ଚିଂାଶୀଳ ଏବଂ ପ୍ରିମିୟମ ପସନ୍ଦ ଭାବେ ଦେଖାଯାଉଛି ।



ଏସମ୍ପର୍କରେ ବଲିଉଡ୍ ଷ୍ଟାର ସୋହା ଆଲି ଖାନ କହିଛନ୍ତି, 'କ୍ରିସମାସରେ ପ୍ରତିବର୍ଷ ମୁଁ ମୋର ଉତ୍ସବମୟ ମିଳନରେ ରୁଚି ଓ ପୋଷଣ ମଧ୍ୟରେ ସଂଳନ ରଖିବାକୁ ଚେଷ୍ଟା କରେ । କାଲିଫର୍ଣ୍ଣିଆ ଆଲମଣ୍ଡ ମୋର ଅନେକ ବ୍ୟନରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରଖେ । ତାହା କେବଳ ଏହାର ଗଭୀର ସ୍ୱାଦ ପାଇଁ ନୁହେଁ, ବରଂ ସୁସ୍ଥତା ପାଇଁ ମିଳୁଥିବା ଲାଭ ପାଇଁ ମଧ୍ୟ । ସକାଳେ କେବଳ ଗୋଟିଏ ମୁଠା ଆଲମଣ୍ଡ ଖାଇଲେ ମଧ୍ୟ ସ୍ୱଷ୍ଟ ପରିବର୍ତ୍ତନ ଅନୁଭବ କରାଯାଏ ।' ସେହିଭଳି ପୋଷଣ ଏବଂ ସୁସ୍ଥତା ପରାମର୍ଶଦାତ୍ରୀ ଶୀଲା କୃଷ୍ଣସ୍ୱାମୀ କହିଛନ୍ତି, 'ଉତ୍ସବ ଅବସରରେ ମିଠା ଓ ବିଶେଷ ଖାଦ୍ୟ ଉପଭୋଗ କରିବା ସ୍ୱାଭାବିକ, କିନ୍ତୁ ସୁସ୍ଥ ରହିବା ପ୍ରକ୍ରିୟା ଜଟିଳ ହେବା ଆବଶ୍ୟକ ନୁହେଁ । ଆଲମଣ୍ଡ ଏଲଡିଏଲ ଏବଂ ସମ୍ପୂର୍ଣ୍ଣ କୋଲେଷ୍ଟେରଲ୍ ସ୍ତର କମାଇବାରେ ସାହାଯ୍ୟ କରି ହୃଦୟ ସ୍ୱାସ୍ଥ୍ୟକୁ ସମର୍ଥନ କରିଥାଏ ।

## ୧,୦୩୭ ଆନ୍ତର୍ଜାତୀୟ ପେଟେଣ୍ଟ ଦାଖଲ ସହିତ ଜିଓ ସରକାରୀ ପେଟେଣ୍ଟ ରିପୋର୍ଟରେ ସବୁଠୁ ଆଗରେ

# ଜିଓ ପ୍ଲାଟଫର୍ମସ ହେଉଛି ଦେଶର ସର୍ବବୃହତ ବିଶ୍ୱସ୍ତରୀୟ ପେଟେଣ୍ଟ ଦାଖଲକାରୀ

**ନୂଆଦିଲ୍ଲୀ, ୧୯।୧୨ (ନି.ପ୍ର) :** ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରାଳୟ ଅଧୀନରେ ଥିବା ପେଟେଣ୍ଟ, ଡିଜାଇନ୍ ଏବଂ ଟ୍ରେଡ୍ ମାର୍କ କଣ୍ଟ୍ରୋଲର ଜେନେରାଲଙ୍କ ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଜିଓ ପ୍ଲାଟଫର୍ମସକୁ ଭାରତର ସର୍ବବୃହତ ବିଶ୍ୱସ୍ତରୀୟ ପେଟେଣ୍ଟ ଦାଖଲକାରୀ ଭାବରେ ସ୍ଥାନିତ କରାଯାଇଛି ।

ଏହି ବାର୍ଷିକ ରିପୋର୍ଟ ଅନୁଯାୟୀ, ଜିଓ ପ୍ଲାଟଫର୍ମସ ଗୋଟିଏ ବର୍ଷରେ ୧,୦୩୭ ଆନ୍ତର୍ଜାତୀୟ ପେଟେଣ୍ଟ ଦାଖଲ କରିଛି । ଏହି ସଂଖ୍ୟା ଦ୍ୱିତୀୟରୁ ଦଶମ ସ୍ଥାନ ମଧ୍ୟରେ ରହିଥିବା ସମସ୍ତ ଭାରତୀୟ କମ୍ପାନୀ ଏବଂ ପ୍ରତିଷ୍ଠାନ ଦ୍ୱାରା ଦାଖଲ କରାଯାଇଥିବା ମୋଟ ପେଟେଣ୍ଟର ଦୁଇଗୁଣରୁ ଅଧିକ ରହିଛି । ଟିଭିଏସ ମୋଟର୍ (୨୩୮), ସିଏସଆଇଆର (୭୦), ଆଇଆଇଟି ମାଡ୍ରାସ (୪୪), ଏବଂ ଓଲା ଇଲେକ୍ଟ୍ରିକ (୩୧) ଭଳି ନାମ ଏହି ଦୌଡ଼ରେ ବହୁ ପଛରେ ରହିଛନ୍ତି ।

ଭାରତୀୟ ପେଟେଣ୍ଟକୁ ଯୋଡ଼ିଲେ ଜିଓ ୨୦୨୪-୨୫ ରେ ମୋଟ ୧,୬୫୪ ଟି ପେଟେଣ୍ଟ ଆବେଦନ ଦାଖଲ କରିଛି । ମାର୍ଚ୍ଚ ୩୧, ୨୦୨୫ ସୁଦ୍ଧା କମ୍ପାନୀ ପାଖରେ ୪୮୫ ଟି ସ୍ୱୀକୃତ ପେଟେଣ୍ଟ ରହିଥିଲା, ଯାହାର ଏକ ବଡ଼ ଅଂଶ ୫ଜି, ୬ଜି ଏବଂ ନେଟୱାର୍କ ପ୍ରଯୁକ୍ତି ସହିତ ଜଡିତ । ଏହି ସଂଖ୍ୟାଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଜିଓ ଏବେ କେବଳ ଏକ ଟେଲିକମ୍ ଅପରେଟର ନୁହେଁ, ବରଂ ଭାରତର ପ୍ରମୁଖ ଡିପ୍-ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ନିଜର ଦୃଢ଼ ଉପସ୍ଥିତି ସ୍ଥାପନ କରିସାରିଛି ।




ସରକାରୀ ତଥ୍ୟ ସହିତ, ଉଦ୍ୟୋଗ ଜଗତ ମଧ୍ୟ ଜିଓକୁ ଏକ ଶକ୍ତିଶାଳୀ ବିଶ୍ୱସ୍ତରୀୟ ଆଇପି ପ୍ଲେୟାର ଭାବରେ ମାନ୍ୟତା ଦେଇଛି । ନିକଟରେ ସିଆଇଆଇ ଇଣ୍ଡଷ୍ଟ୍ରିଆଲ ଇନୋଭେସନ ପୁରସ୍କାର ୨୦୨୫ ରେ ଜିଓ ପ୍ଲାଟଫର୍ମସକୁ ଭାରତର ଶ୍ରେଷ୍ଠ ୨୦ ଟି ଇନୋଭେଟିଭ କମ୍ପାନୀ ମଧ୍ୟରେ ସାମିଲ କରାଯାଇଥିଲା ଏବଂ ବଡ଼ ଆଇସିଟି ବର୍ଗରେ 'ଶ୍ରେଷ୍ଠ ପେଟେଣ୍ଟ ପୋର୍ଟଫୋଲିଓ' ପାଇଁ ରନର୍ସ-ଅପ୍ ପୁରସ୍କାର ମଧ୍ୟ ମିଳିଥିଲା ।

ପେଟେଣ୍ଟ ଦାଖଲ ପଛରେ ଦୃଢ଼ ଗବେଷଣା ଏବଂ ବିକାଶ (ଆରଏଣ୍ଡଡି) ପାଇଁ ନିବେଶ ମଧ୍ୟ ଏକ ପ୍ରମୁଖ କାରଣ । ରିଲାଏନ୍ସ ୨୦୨୫ ଆର୍ଥିକ ବର୍ଷରେ ଗବେଷଣା ଓ ବିକାଶ ଉପରେ ୪,୧୮୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିଥିଲା, ଯାହା ପୂର୍ବ ବର୍ଷ ତୁଳନାରେ ପ୍ରାୟ ୧୫ ପ୍ରତିଶତ ଅଧିକ ରହିଥିଲା । ଗତ ତିନି ବର୍ଷ ମଧ୍ୟରେ କମ୍ପାନୀର ବାର୍ଷିକ ଗବେଷଣା ଓ ବିକାଶ (ଆରଏଣ୍ଡଡି) ନିବେଶ ୧,୫୦୦ କୋଟି ଟଙ୍କାରୁ ଅଧିକ ବୃଦ୍ଧି ପାଇଛି ।

# ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ରେ ଆକ୍ୟୁଟ ପେନକ୍ରିଆଟିସ୍ ଗୁରୁତର ମାମଲାର ସଫଳ ଚିକିତ୍ସା

**ରାଉରକେଲା, ୧୯।୧୨ (ନି.ପ୍ର):** ସେଲ୍ ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଅଭିଜ୍ଞ ଡାକ୍ତରମାନେ ମଦ୍ୟପାନ ପ୍ରତ୍ୟାହାର ଜନିତ ତୀବ୍ର ଗମ୍ଭୀର ପେନକ୍ରିଆଟିସ୍ ରୋଗ ଚିହ୍ନଟ ହୋଇଥିବା ଜଣେ ଗୁରୁତର ରୋଗୀଙ୍କ ସଫଳତାର ସହିତ ଚିକିତ୍ସା କରିଛନ୍ତି ।

ରୋଗୀ ଜଣକ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ପହଞ୍ଚିଥିଲେ ଏବଂ ତୁରନ୍ତ ବିଶେଷଜ୍ଞ ଚିକିତ୍ସା ହସ୍ତକ୍ଷେପ ଆବଶ୍ୟକ କରୁଥିଲେ । ଆଇଜିଏଚର ବରିଷ୍ଠ ବିଶେଷଜ୍ଞ ପରାମର୍ଶଦାତା ଏବଂ ପୂର୍ବତନ ସିଏମଓ ଡାକ୍ତର ପି. କେ. ମହାପାତ୍ର ଓ ବରିଷ୍ଠ ପରାମର୍ଶଦାତା ଡାକ୍ତର ମୋନାଲିସା ମହାନ୍ତିଙ୍କ ନେତୃତ୍ୱରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ତୀବ୍ର ପାନକ୍ରିଏଟାଇଟିସ୍ର ତୁରନ୍ତ ନିର୍ଣ୍ଣୟ କରିଥିଲେ ଏବଂ ପ୍ରଭାବଶାଳୀ ପରିଚାଳନା ରଣନୀତି କାର୍ଯ୍ୟକାରୀ କରିଥିଲେ । ଚିକିତ୍ସା ଓ ସ୍‌ୱାସ୍ଥ୍ୟସେବା ବିଭାଗର ଅତିରିକ୍ତ ସିଏମଓ ତଥା ସିସିୟୁ ଇନ ଚାର୍ଜ ଡାକ୍ତର ସଞ୍ଜୁକ୍ତା ପାଣିଗ୍ରାହୀ, ଏବଂ ଏସଡ଼ିଏମଓ ଡାକ୍ତର ପିଜେ ରାୟଙ୍କ ନେତୃତ୍ୱରେ ଚିକିତ୍ସକ ଦଳ ରୋଗୀଙ୍କୁ ସ୍ଥିର କରିବା ପାଇଁ ସତର୍କ ନଜର ଏବଂ ପ୍ରମାଣ-ଆଧାରିତ ହସ୍ତକ୍ଷେପ ଗ୍ରହଣ ପୂର୍ବକ ଚିକିତ୍ସା ପ୍ରଦାନ କରିଥିଲେ । ଏହି ସଫଳ ଚିକିତ୍ସାର ଏକ ପ୍ରମୁଖ ଉପାଦାନ ମଧ୍ୟରେ ଆଇସିୟୁ ନର୍ସିଂ ଦଳର ଅସାଧାରଣ ଯୋଗଦାନ ମଧ୍ୟ ରହିଥିଲା । ବରିଷ୍ଠ ନର୍ସିଂ ସିଷ୍ଟର ସାଇନି ଜର୍ଜ ଏବଂ ନର୍ସିଂ ସିଷ୍ଟର ଅନିତା ଜେନାଙ୍କ ନେତୃତ୍ୱରେ, ନର୍ସମାନେ ଉତ୍କୃଷ୍ଟ ସତର୍କତା, କ୍ଲିନିକାଲ୍ ବିଶେଷଜ୍ଞତା ଏବଂ କରୁଣାପୂର୍ଣ୍ଣ ଚିକିତ୍ସା ଯତ୍ନ ନେଇଥିଲେ, ଯାହା ରୋଗୀଙ୍କ ସ୍ଥିରତା ଏବଂ ଆରୋଗ୍ୟରେ ନିର୍ଣ୍ଣାୟକ ପ୍ରମାଣିତ ହୋଇଥିଲା ।









## ବାୟୁସେନା ନିଯୁକ୍ତି ରାଲିରେ ସାମନ୍ତରାୟ ଏକାଡେମୀର ପ୍ରଶାନ୍ତ ଓ ଅଂଶୀତା ପ୍ରଥମ

ବ୍ରହ୍ମପୁର,୧୯।୧୨(ନି.ପ୍ର): ରାଜ୍ୟସ୍ତରୀୟ ଭାରତୀୟ ବାୟୁସେନା ରାଲିରେ ସାମନ୍ତରାୟ ଏକାଡେମୀର ଛାତ୍ର ପ୍ରଶାନ୍ତ ପ୍ରଧାନ ଓ ଛାତ୍ରୀ ଅଂଶୀତା ପ୍ରିୟଦର୍ଶିନୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ନିକଟରେ ବାରିପଦା ଠାରେ ଅନୁଷ୍ଠିତ ହୋଇଥିବା ରାଲି ପରୀକ୍ଷାରେ ଅନୁଷ୍ଠାନର ୨୮ଜଣ ଛାତ୍ରଛାତ୍ରୀ ଭାରତୀୟ ବାୟୁସେନାରେ ମନୋନୀତ ହୋଇଥିବା ବେଳେ, ୩୦ଜଣ ଛାତ୍ର ଭାରତୀୟ ସ୍ଥଳସେନା ପାଇଁ ମନୋନୀତ ହୋଇଛନ୍ତି। ଏହି ପରିପେକ୍ଷୀରେ ଏକାଡେମୀରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀ ଏବଂ ତାଙ୍କ ଅଭିଭାବକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଅନୁଷ୍ଠାନର ପ୍ରତିଷ୍ଠାତା ଡାକ୍ତର ଲଳିତ ମୋହନ ସାମନ୍ତରାୟ ମନୋନୀତ ଛାତ୍ରଛାତ୍ରୀଙ୍କୁ ସଫଳତାର ସହ ପ୍ରଶିକ୍ଷଣ ସମ୍ପାଦନ କରି ପିତା ମାତା ଓ ଏକାଡେମୀର ନାଁ ରଖିବାକୁ ପ୍ରେରଣା ଦେଇଥିବା ବେଳେ, ଅନୁଷ୍ଠାନର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ସମସ୍ତ ଅଭିଭାବକଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ପ୍ରୟାସରତ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବାକୁ ଆହ୍ୱାନ ଦେଇଥିଲେ।

## ନିଷ୍ଟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ୫ ଜଣଙ୍କୁ ସ୍ୱର୍ଣ୍ଣ, ୩ ଜଣଙ୍କୁ ରୋପ୍ୟ ପଦକ ଓ ୩୩୫ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କଲେ ରାଜ୍ୟପାଳ

ବ୍ରହ୍ମପୁର/ଗୋଳନ୍ଥରା,୧୯।୧୨ (ନି.ପ୍ର): ନିଷ୍ଟ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ସମାରୋହରେ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ରାଜ୍ୟପାଳ ତଥା ନିଷ୍ଟ ବିଶ୍ୱବିଦ୍ୟାଳୟର ପରିଦର୍ଶକ ଡ଼. ହରିବାବୁ କମ୍ଭମପାଟି ଯୋଗଦାନ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ଏଆଇସିଟିଇ ଉପାଧ୍ୟକ୍ଷ ତଥା ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ମୁଖ୍ୟ ନବ ସୃଜନ ଅଧିକାରୀ ଡକ୍ଟର ଅଭୟ ଜେରେ ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ଡକ୍ଟର ସୁକାନ୍ତ କେ. ମହାପାତ୍ର ଯୋଗଦେଇ ନିଷ୍ଟ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠାର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଆୟୋଜିତ ସଭା କାର୍ଯ୍ୟରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରିୟଦର୍ଶନ ପାତ୍ର ବାର୍ଷିକ ବିବରଣୀ ପାଠ କରି ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ଥିବା ବେଳେ, କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ସଭା ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାମହିମ ରାଜ୍ୟପାଳ ନିଜ ଅଭିଭାଷଣରେ ଯୁବପିଢ଼ି ମାନେ କିପରି ନିଜ ଜୀବନରେ ଆସୁଥିବା ଜଟିଳତାର ସମ୍ମୁଖୀନ ହେବା ଉଚିତ ଏବଂ ଭବିଷ୍ୟତ ପାଇଁ ନିଜକୁ ବୃତ୍ତିଗତ ଭାବରେ ପ୍ରସ୍ତୁତ କରିବା ଉଚିତ ତାହା ଉପରେ ଆଲୋକପାତ କରିଥିଲେ। ସେ




ବୈଷୟିକ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାରିଅର ଗଠନ ପାଇଁ ପ୍ରସ୍ତୁତ କରିବାରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଭୂମିକା ଉପରେ ମଧ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ୫ଜଣ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୩ଜଣ ଛାତ୍ରଛାତ୍ରୀଙ୍କୁ ରୋପ୍ୟ ପଦକ ପ୍ରଦାନ ସହ ସମୁଦାୟ ୩୩୫ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ସେହିପରି ସ୍ୱତନ୍ତ୍ର ରୂପେ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଡ. ଗର୍ଦ୍ଧନ ନାଥଲାଲ ପଟେଲ, ଏବଂ ସୁବ୍ରତ ତ୍ରିପାଠୀଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର ବୋର୍ଡ ଅଫ ଗବେରନିଙ୍ଗ ମେମ୍ବର ନିଷ୍ଟ ବିଶ୍ୱବିଦ୍ୟାଳୟର ଉପ ସଭାପତି ଶ୍ରୀମତୀ ସଙ୍ଗୀତା ମହାପାତ୍ର, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠି, ଡ଼. ପ୍ରତୋଷ ବଂଶଲ, ଏକାଡ଼େମିକ ଡିନ୍ ପି. ରାଜେଶ କୁମାର, ଡ଼. ବିଷ୍ଣୁ ପ୍ରସାଦ ନନ୍ଦ, ବିମଳ ମିଶ୍ର, ତଥା ପରାମର୍ଶଦାତା ମଣ୍ଡଳୀ ଇଂ ଅରୁଣ ରଥ, ଇଂ ପ୍ରଭାକର ସ୍ୱାଇଁ, ଏକାଡେମିକ୍ କାଉନସିଲ୍ ସଦସ୍ୟ ଡ଼. ସୁକାନ୍ତ କୁମାର ତ୍ରିପାଠୀ, ଡ଼. ସିମାଞ୍ଚଳ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ମାନସ ରଞ୍ଜନ ପାତ୍ର, ଡ଼. ସ୍ୱାଧୀନ ମିଶ୍ର, ଡ଼. ପ୍ରୀତି ରଞ୍ଜନ ସାହୁ, ଡ଼. ବ୍ରଜ କିଶୋର ମିଶ୍ର, ଡ଼. ବରଦା ପ୍ରସାଦ ସେଠି, ଡ. ସସ୍ମିତା ପାଢ଼ୀ, ଡ. ରତିକାନ୍ତ ନାୟକ, ଡ଼. ହରିକୃଷ୍ଣ ଗନ୍ତାୟତ, ଡ଼. ଗାୟତ୍ରୀ ପଣ୍ଡା, ମିନାକ୍ଷୀ ଦାଶ, ଡ଼. ସରିତା ସାହୁ, ପ୍ରଜ୍ଞା ସାମନ୍ତ, ଆକାଂକ୍ଷା ପଟ୍ଟନାୟକ, ଡ଼. ମାନବେନ୍ଦ୍ର ପାତ୍ର, ସରୋଜ ପାଢ଼ୀ, ରବି ସତ୍ୟ ନାରାୟଣ ମୂର୍ତି, ପ୍ରଭୁଦତ୍ତ ମିଶ୍ର, ପ୍ର. ସରୋଜ ପାଢ଼ୀ, ପ୍ର. ପୂର୍ଣ୍ଣେନ୍ଦୁ ମିଶ୍ର, ସନ୍ତୋଷ କୁମାର ନାୟକ, ଗୋପବନ୍ଧୁ ଉତ୍ତରକବାଟ, ସଂଜିତ ମହାନ୍ତି, ପ୍ରଣୟ ରଥ, ସୁରେଶ ମହାପାତ୍ର, ସୁନୀଲ ରାୟ, ସଚିନ୍ଦ୍ର ମହାପାତ୍ର, ସୌମ୍ୟା ମୁଦୁଲି, ଓ ପିତାମ୍ବର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମା' କଟକ ଚଣ୍ଡୀ ମହୋତ୍ସବ ଉଦଯାପିତ




କଟକ, ୧୯/୧୨ (ନି.ପ୍ର) : ସାଂସ୍କୃତିକ ସଦଭାବନା ହିଁ ଅଧୁନା ସମାଜରେ ଐକ୍ୟ ଓ ସାମାଜିକ ଭାରସାମ୍ୟ ରକ୍ଷା କରିବାରେ ସାର୍ଥକ ଭୂମିକା ନିର୍ବାହ କରୁଛି ବୋଲି ଆଜି ସ୍ଥାନୀୟ କଳା ବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ଅଷ୍ଟମ ମା' କଟକ ଚଣ୍ଡୀ ମହୋତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିବର୍ଷ ପରି ଚଳିତ ବର୍ଷର ମହୋତ୍ସବ ନୃତ୍ୟ ଓ ସଂଗୀତ ଉତ୍କର୍ଷର ନୂତନ ଶିଖର ସ୍ପର୍ଶ କରିବା ସହ ପୂଜ୍ୟପୂଜା ପରମ୍ପରାକୁ ଆଗକୁ ବଢାଇ ଥିଲା। ସ୍ୱୟଂପ୍ରଭା ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ,ଲୋକସେବକ ମଣ୍ଡଳର ଉପାଧ୍ୟକ୍ଷ ଦୀପକ ମାଳବ୍ୟ, ଦୈନିକ 'ସମାଜ'ର ପ୍ରକାଶକ ତଥା ମୁଦ୍ରାକର ରାଜେନ୍ଦ୍ର ଜେନା, ଓଡିଶା ଯୁବ ଲେଖକ ସମ୍ମିଳନୀର ସଂପାଦକ ଭବାନୀ ପ୍ରସାଦ ମିଶ୍ର ଓ ଅଷ୍ଟ୍ରେଲିଆରେ ସାଂସ୍କୃତିକ ସଦଭାବନା ଦୂତ ପ୍ରବାସୀ ଓଡ଼ିଆ। ଶିବାନୀ ରୋଜିଶ୍ରୀ ମିଶ୍ର ପ୍ରମୁଖ ଓଡ଼ିଶା ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ସାଂସ୍କୃତିକ ସଂଗଠନ ନୃତ୍ୟ ମୟୂରୀର ଏ ପରି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଳା ପ୍ରତି ସାମଗ୍ରିକ ଅବଦାନ ପାଇଁ ଗୁରୁ ଗୌରାଙ୍ଗ ଚରଣ ମହଲା,ଗୁରୁ ଶ୍ରାବଣୀ ମିତ୍ର ଓ ଗୁରୁ ଗୌରୀ ଶଙ୍କର ଦାଶଙ୍କୁ ମା'କଟକ ଚଣ୍ଡୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉଦଯାପନୀ ଦିବସରେ ପଦ୍ମଶ୍ରୀ କୁମ୍ କୁମ୍ ମହାନ୍ତିଙ୍କ ଶିଷ୍ୟ ଲକି ପ୍ରଜ୍ଞା ପ୍ରତିଷ୍ଠିତା ମହାନ୍ତି, ବିଶିଷ୍ଟ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ରଙ୍କ ଶିଷ୍ୟ ରିଙ୍କୁ ସାହୁ,ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ବରିଷ୍ଠ ଶିଷ୍ୟ ବିଜନ ପଲାଇ ଓ ଶିଷ୍ୟା ସୌମ୍ୟା ସୁଚରିତା ପାଲ, ଗୁରୁ ମମତା ଓଝାଙ୍କ ବରିଷ୍ଠ ଶିଷ୍ୟା ସ୍ନେହା ଦଲାଇ ଓ ଧାରାଶ୍ରୀ ମହାରଣାଙ୍କ ବ୍ୟତିତ ନୃତ୍ୟ ମୟୁରୀର ବହୁ ବରିଷ୍ଠ ଶିଷ୍ୟା ନୃତ୍ୟ ପରିବେଷଣ କରିଥିଲେ।

# କବିସୂର୍ଯ୍ୟନଗର ପ୍ରେସ୍ କ୍ଲବର ବାର୍ଷିକ ଉତ୍ସବ




କବିସୂର୍ଯ୍ୟନଗର,୧୯/୧୨ (ନି.ପ୍ର) : କବିସୂର୍ଯ୍ୟନଗର ପ୍ରେସ୍ କ୍ଲବର ୧୯ଶ ବାର୍ଷିକୋତ୍ସବ କନକ ମଞ୍ଜରୀ ପାଠାଗାର ଠାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରେସ୍ କ୍ଲବର ବାର୍ଷିକୋତ୍ସବରେ ସଭାପତି ସମରଜ୍ଜି ମହାନ୍ତି ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସପ୍ନେଶ୍ୱର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହିତ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ନଗରପାଳ ମନୋରଞ୍ଜନ ମହାପାତ୍ର, ସମ୍ମାନିତ ଅତିଥି ଭାବରେ ବିଇଓ ଅଭିମନ୍ୟୁ ସାହୁ,ଯୁବ ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ପଣ୍ଡା,ବରିଷ୍ଠ ସାମ୍ବାଦିକ ଯୋଗୀ ଚରଣ ମିଶ୍ର,ମୁଖ୍ୟ ବକ୍ତା ଭାବରେ ସମଦୃଷ୍ଟିର କାର୍ଯ୍ୟନିର୍ବାହୀ ସମ୍ପାଦକ ବିଘ୍ନେଶ୍ୱର ସାହୁ, ସମ୍ମାନିତ ବକ୍ତା ଭାବରେ ତ୍ରିଧାରା ସାହିତ୍ୟ ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଦୁର୍ନୀତି ହିଁ ବିକାଶର ବାଧକ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲାୟ ଦୁର୍ନୀତି ଏକ ବ୍ୟାଧି,ଦୁର୍ନୀତି ଉପରସ୍ତରରୁ ତଳସ୍ତର ପର୍ଯ୍ୟନ୍ତ ଲମ୍ବିଛି। ଭିଜିଲାନ୍ସ କେବଳ ପ୍ରତିବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରି ଦାୟିତ୍ୱ ସାରିଦେଉଛି। ଭ୍ରଷ୍ଟ ପୁଲିସ ଅଧିକାରୀ ମାନେ ଭିଜିଲାନ୍ସକୁ ବଦଳି ହୋଇଗଲେ ସେମାନେ ଦୁର୍ନୀତିକୁ ରୋକିବା ବଦଳରେ ଦୁର୍ନୀତିକୁ ସରଳୀକରଣ କରୁଛନ୍ତି। ସରକାର ଓ ପ୍ରଶାସନର ଚତୁପାର୍ଶ୍ୱରେ ଦୁର୍ନୀତିର ବଳୟ,ଦୁର୍ନୀତି ଏତେ ମାତ୍ରରେ ବଢ଼ିଛିଯେ ତାକୁ ନିୟନ୍ତ୍ରଣ କରିବା ବଡ କାଠିକର ପାଠ। ସାମ୍ବାଦିକ ମାନେ ଦୁର୍ନୀତି ବିରୁଦ୍ଧରେ ଖବର ପ୍ରସାରଣ କରିବା ଓ ସାମାଜିକ କର୍ମୀ ମାନେ ଦୁର୍ନୀତିର ଉଜାଗର କରିବା ଦ୍ୱାରା ବିଭିନ୍ନ ସମୟରେ ସେମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଆକ୍ରମଣ ହେଉଛି। ଆରଟିଆଇ ଆଇନକୁ ମଧ୍ୟ ସଙ୍କୁଚିତ କରାଗଲାଣି। ଗାଁ ଗହଳିରୁ ପ୍ରାକୃତିକ ସମ୍ପଦ ଲୁଟ ହେଲାଣି, ସେଥିରେ ମଧ୍ୟ ଦୁର୍ନୀତି ରହୁଛି। ଦୁର୍ନୀତିକୁ ହଟାଇବାକୁ ହେଲେ ସାଧାରଣ ନାଗରିକ ମାନଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ଆସିବା ସହିତ ସଚେତନ ହେଲେ କେତେକାଂଶରେ ଦୁର୍ନୀତି ହଟିପାରିବ ବୋଲି ଅତିଥି ଓ ବକ୍ତା ମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବର ଉପସଭାପତି ସରୋଜ କୁମାର ମିଶ୍ର, ଉମା ଚରଣ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏସଆଇଆର ଭୋଟର ତାଲିକାର ସଂଶୋଧନ ପାଇଁ ବିଜେପିର ପ୍ରସ୍ତୁତି ବୈଠକ

ପାରାଦୀପ, ୧୯।୧୨ (ନି.ପ୍ର): ଭୋଟର ତାଲିକାର ଗଭୀର ପୁନଃ ନିରୀକ୍ଷଣ (ଏସଆଇଆର) ହେବାକୁ ଥିବା ଭୋଟର ତାଲିକାର ସଂଶୋଧନ ପାଇଁ ବିଜେପି ପାରାଦ୍ୱୀପ ନଗର ତରଫରୁ ଗୁରୁବାର ସନ୍ଧ୍ୟାରେ ନୂଆବଜାର ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀଙ୍କ ପ୍ରତିନିଧି ତଥା ବରିଷ୍ଠ ବିଜେପି ନେତା ସର୍ବେଶ୍ୱର ବଳିୟାରସିଂହ, ବିଜେପି ନେତା ସୋଲେମାନ ରାଜୁ, ଦିଲୀପ କିଶୋର ବେହେରା, ଦିଲ୍ଲୀପ ବଳିୟାରସିଂହ, ହୃଷିକେଶ ଦାସ, ଯୀଶୁଖ୍ରୀଷ୍ଟ ପ୍ରଧାନ, ମହିଳା ନେତ୍ରୀ ପ୍ରୀତିରେଖା ମାନ୍ନା, ନନ୍ଦିନୀ ପରିଡା, ମମତା ସ୍ୱାଇଁ, ସଂଯୁକ୍ତା ବରାଳ ବିଜୟଲକ୍ଷ୍ମୀ ପରିଜା, କନକଲତା ସାହୁ, କଳ୍ପନା ଦାସ, ମିନାକ୍ଷୀ ବେହେରାଙ୍କ ସମେତ ସମସ୍ତ ୱାର୍ଡ ରୁ ସଂଖ୍ୟାଧିକ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୋଟର ତାଲିକାରୁ ମୃତ ଭୋଟରଙ୍କୁ ବାଦ କରାଯିବା, ଦୁଇଟି ସ୍ଥାନରେ ଭୋଟର ଲିଷ୍ଟରେ ନାମ ଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା,



ଅନୁପ୍ରବେଶକାରୀଙ୍କୁ ଭୋଟ ତାଲିକାରୁ ବାଦ ଦେବା ଇତ୍ୟାଦି ବିଷୟରେ ଆଲୋଚନା ଓ ଅଭିଯାନ ସମ୍ପର୍କରେ ଆଲୋଚନା କରା ଯାଇଥିଲେ। ଏହି ବୈଠକରେ ଏସଆଇଆର କୁ ନେଇ କଂଗ୍ରେସ ଦଳର ଅପପ୍ରଚାରକୁ ଦୃଢ଼ ନିନ୍ଦା ଓ ପ୍ରତିବାଦ କରାଯାଇଥିଲା।

# ଅବ୍ୟବସ୍ଥାରେ ବୁଗୁଡା ବଡଶଙ୍ଖ ଶ୍ମଶାନ ଘାଟ

## ସାଧାରଣରେ ତୀବ୍ର ଅସନ୍ତୋଷ, ପ୍ରତିକାର ଦାବି

ବୁଗୁଡ଼ା, ୧୯।୧୨ (ନି.ପ୍ର) : ବୁଗୁଡା ସହର ଉପକଣ୍ଠସ୍ଥ ବଡଶଙ୍ଖ ନିକଟରେ ଥିବା ଶ୍ମଶାନ ଘାଟର ଦୂରାବସ୍ଥାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି। ଏନ୍‌ଏସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବା ଏହି ବହୁ ପୁରାତନ ଶ୍ମଶାନ ଘାଟଟି ଦୀର୍ଘକାଳ ହେଲା ଲଟାବୁଦାରେ ପରିପୂର୍ଣ୍ଣ ସହ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି। ଶବଦାହ କରିବାକୁ ଯାଉଥିବା ଲୋକଙ୍କୁ ବିଷଧର ସରୀସୃପଙ୍କ ଭୟ ଘାରୁଛି। ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମ ବେଳେ ମୃତକଙ୍କ ଘର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ମଶାନ ଘାଟରେ ଶବ ବାହକଙ୍କ ନିମନ୍ତେ ନିର୍ମିତ ପୁରୁଣା ରହଣି କକ୍ଷଟିର କେତେକାଂଶ ଭାଙ୍ଗିରୁଜି ବିପଦଜ୍ଜନକ ଅବସ୍ଥାରେ ରହିଛି। ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଅଭାବ ଯୋଗୁଁ ରାତିରେ ଶବଦାହ



ବେଳେ ନାନା ପ୍ରକାର ହଟହଟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ବର୍ଷା ରାତିରେ ଶବଦାହ କାର୍ଯ୍ୟକ୍ରମ ବହୁ ଅସୁବିଧାରେ ବାଧବାଧକତା ହେତୁ ସମ୍ପାଦନ ହେଉଛି। ସେହି ଶ୍ମଶାନ ଘାଟର ଏଭଳି ଦୂରାବସ୍ଥା ଏନ୍‌ଏସି ପ୍ରଶାସନର ଅପାରଗତାକୁ ଦର୍ଶାଉଛି ବୋଲି ସାଧାରଣରେ ସମାଲୋଚନା ସହ ଅସନ୍ତୋଷ ପ୍ରକାଶ ପାଉଛି। ବିକାଶ ନାମରେ ଏନ୍‌ଏସି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ଅଯଥା ଅପବ୍ୟୟ କରାଯାଉଥିବା ବେଳେ ଏହି ଅବହେଳିତ ଶ୍ମଶାନ ଘାଟ ପ୍ରତି ବୈମାତୃକ ମନୋଭାବ ପୋଷଣ କରା ଯାଉଥିବାର କାରଣ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଲୋକେ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଲୋକେ ମେଳି ବାନ୍ଧୁଥିବା ଦେଖିବାକୁ ମିଳିଛି। ଏଣୁ, ଜନ ଆକ୍ରୋଶରୁ ବର୍ତ୍ତିବା ଏବଂ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ପୂର୍ବରୁ ଏନ୍‌ଏସି କର୍ତ୍ତୃପକ୍ଷ ଆଉ କାଳ ବିଳମ୍ବ ନକରି ତଥାକଥିତ ଶ୍ମଶାନ ଘାଟକୁ ସୁବ୍ୟବସ୍ଥିତ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଇଞ୍ଜିନିୟର ଅକ୍ଷୟ ସାମଲଙ୍କୁ ଆଇରନ୍ ମ୍ୟାନ ଆୱାର୍ଡ

ଭୁବନେଶ୍ୱର, ୧୯।୧୨ (ନି.ପ୍ର) : ବିଶିଷ୍ଟ ସମାଜସେବୀ ଓ ଜାତୀୟ ରାଜଧାନୀରେ ପ୍ରବାସୀ ଓଡ଼ିଆଙ୍କ ପାଇଁ କାର୍ଯ୍ୟରତ ଇଂ. ଅକ୍ଷୟ କୁମାର ସାମଲଙ୍କୁ ମର୍ଯ୍ୟାଦାଜନକ ଆଇରନ୍ ମ୍ୟାନ ଆୱାର୍ଡ ପ୍ରଦାନ କରାଯାଇଛି। ଭାରତର ଲୌହ ପୁରୁଷ, ଭାରତରତ୍ନ ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଗୁଜରାଟର ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସହକାର ଭବନରେ ଆୟୋଜିତ ସମାରୋହରେ ଇଂ. ସାମଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ଗୁଜରାଟର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ନୀତିନଭାଇ ପଟେଲ, ମନ୍ତ୍ରୀ କୁମାରଜୀ ଭାଇ ବାଉରିଆ, ପୂର୍ବତନ ବିଧାୟିକା ଗୀତ ବେହେନ ପଟେଲ ଓ ଅନ୍ୟ ବିଶିଷ୍ଟ ଅତିଥି ମାନେ ଏହି ପୁରସ୍କାର ପ୍ରଦାନ କରିଥିଲେ ଏହି ସଭାରେ ଗୁଜରାଟ, ମହାରାଷ୍ଟ୍ର, ଓଡ଼ିଶା, ମଧ୍ୟପ୍ରଦେଶ, ବିହାର ଓ ଅନ୍ୟ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।



ଏହି ପୁରସ୍କାର ପାଇଁ ଇଂ. ସାମଲ ଗୁଜରାଟର ପଟିଦାର ସମାଜ ଓ ରୀ କଳା ସଙ୍ଗମକୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଦୃଢ଼ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସମ୍ପର୍କ ରହିଛି। ବିକଶିତ ଗୁଜରାଟ ଗଠନରେ ଓଡ଼ିଆ। ଲୋକଙ୍କ ମୂଲ୍ୟବାନ ଅବଦାନ ରହିଛି ବୋଲି ଇଂ. ସାମଲ ନିଜ ଭାଷଣରେ କହିଥିଲେ। ଏବଂ ଏହି ପୁରସ୍କାର ମତେ ଆହୁରି ସମାଜ ସେବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ କଟକ ଜିଲ୍ଲା ମାହାଙ୍ଗାର ମୂଳବାସିନ୍ଦା ଇଂ. ସାମଲ ଏହା ପୂର୍ବରୁ ଏପିଜେ ଅବଦୁଲ କାଲାମ ଆଇକନ ଆୱାର୍ଡ, ଓଡ଼ିଶା ଅଟଳ ଆଇକନ ଆୱାର୍ଡ ଏବଂ କେନ୍ଦ୍ର ସରକାରଙ୍କ କୋଭିଡ ଯୋଦ୍ଧା ସମ୍ମାନ ଲାଭ କରିଛନ୍ତି ସମ୍ପ୍ରତି ସେ ଦିଲ୍ଲୀ-ଏନସିଆର୍ ରେ ବାସ କରୁଛନ୍ତି।

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା

ଅନୁଗୋଳ,୧୯।୧୨ (ନି.ପ୍ର) : ଆଜି ପୂର୍ବାହ୍ନରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଅଶ୍ୱଥୀ ଏସ୍ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ସ୍ୱାସ୍ଥ୍ୟ ସଚିବଙ୍କ ସହିତ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ। ସଚିବ ଚିକିତ୍ସାଳୟର ଭୌତିକ ଢାଞ୍ଚା, ଚିକିତ୍ସା ସେବା ଓ ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀ ସମୀକ୍ଷା କରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ଟ୍ରମା କେୟାର ବିଲ୍ଡିଂ ପରିଦର୍ଶନ କରି ଅବିରତ ବିଦ୍ୟୁତ୍ ସରବରାହ ପାଇଁ ଏକ ନୂତନ ଡି ଜି ସେଟ୍ କ୍ରୟ କରିବା, ଡକ୍ୟୁମେଣ୍ଟସନ୍ ଓ ଔଷଧ ପାଇଁ ୨ଟି ସ୍କାନର ଯୋଗାଇ ଡକ୍ୟୁମେଣ୍ଟ ଡିଜିଟାଲାଇଜେସନ୍ କରିବା ସହ ସମସ୍ତ ଔଷଧର ଷ୍ଟକ୍ ପରିକ୍ଷା କରି ଅଭାବ ଦୂର କରିବାକୁ କହିଥିଲେ। କାଜୁଆଲଟି ବିଭାଗ ଓ ମାଇନର ଓଟି ପରିଦର୍ଶନ ପରେ ଏକ ମାସ ମଧ୍ୟରେ ମାଇନର ଓଟି ଚାଲୁ କରିବାକୁ ସୁପରିନଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍କିଲ୍ ଲ୍ୟାବ ଓ ଲାବରେଟରୀ ରୋଗୀ ଭିଡ ନିୟନ୍ତ୍ରଣ ପାଇଁ କୁପନ ଆଧାରିତ ପ୍ରଣାଳୀ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟୁଟ୍ରିସନ୍ ରିହାବିଲିଟେସନ୍ ସେଣ୍ଟର (ଏନ୍. ଆର. ସି) ଓ ଜିଲ୍ଲା ସହଳ ସ୍ୱାସ୍ଥ୍ୟ ପରିକ୍ଷା ଓ ଚିକିତ୍ସା କେନ୍ଦ୍ର ( ଡି.ଇ.ଆଇ.ସି) ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସମସ୍ତ ଆଶା କର୍ମୀଙ୍କ ସହ ସମନ୍ୱୟ ରଖିବାକୁ କହିଥିଲେ। ଡାୟାଲିସିସ୍ ବିଭାଗକୁ ତୁରନ୍ତ ଉପଯୁକ୍ତ ନୂତନ ସ୍ଥାନକୁ ସ୍ଥାନାନ୍ତର କରିବା ସହିତ ସି ଟି ସ୍କାନ, ଏମ୍ ଆର ଆଇ ଓ ଏକ୍ସରେ ସେବାକୁ ନୂତନ ବିଲଡିଙ୍ଗକୁ ସ୍ଥାନାନ୍ତର କରିବା ପାଇଁ ଇଞ୍ଜିନିୟରିଂ ଓ ବାଓ ମେଡିକାଲ ଟିମକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ ସଚିବ ସୁପରିଟେଣ୍ଡେଣ୍ଟଙ୍କୁ ହସପିଟାଲର ସମୁଦାୟ ରୋଗୀ ସଂଖ୍ୟା, ୦ ଓ କେଶ୍ ସର୍ଜରୀ କେଶ୍ ଓ ରେଫର ରୋଗୀଙ୍କ ବିବରଣୀ ସହିତ ଏକ ବିସ୍ତୃତ ରିପୋର୍ଟ ସିଧାସଳଖ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସଚିବ ଶୁଭଦ୍ରା ଯୋଜନାରେ ଉପକୃତ ହୋଇଥିବା ଚାରୁଲତା ସାହୁଙ୍କ ଦୋକାନକୁ ଯାଇ ଶୁଭଦ୍ରା ଅର୍ଥ ମାଧ୍ୟମରେ ସେ ତାଙ୍କର ବ୍ୟବସାୟକୁ କିପରି ବୃଦ୍ଧି କରିଛନ୍ତି ସେ ସମ୍ପର୍କରେ ବୁଝିବା ସହିତ ଚେଲଗଡସ୍ଥିତ ଅଙ୍ଗନୱାଡି କେନ୍ଦ୍ର, ପବିତ୍ର ମୋହନ ମେଡିକାଲ କଲେଜ ଓ ହସପିଟାଲ, ଡେରା ଶିବାନନ୍ଦ ଆଶ୍ରମ ସ୍ଥିତ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପରେ ନିର୍ମାଣ ହୋଇଥିବା ନୂତନ ଭୋଗ ମଣ୍ଡପ ପରିଦର୍ଶନ କରିଥିଲେ। ପରେ ପରେ ତାଳଚେର ବ୍ଲକ ଅନ୍ତର୍ଗତ ଡେରା ଗ୍ରାମ ପଞ୍ଚାୟତର ଅନ୍ତୋଦ୍ୟୟ ଗୃହ ଯୋଜନାର ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ସଚିବ ତାଳଚେର ଯୁବରାଜ ହାଇସ୍କୁଲ ଏବଂ ତୁଳସିପାଳ ସ୍ଥିତ ଆଲୁମିନିୟମ ପାର୍କ ପରିଦର୍ଶନ କରିଥିଲେ।

# ଶାଶୁ କୁ ହତ୍ୟା କଲା ବୋହୁ

ଅନୁଗୁଳ, ୧୯।୧୨ (ନି.ପ୍ର) : ଅନୁଗୁଳ ସଦର ଥାନା ଅନ୍ତର୍ଗତ ଖଲାରୀ ଜାମୁବନ୍ଧ ଛକ ନିକଟରେ ରହୁଥିବା ଏକ ଭଡା ଘରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ସଦର ପୁଲିସ। ମୃତ ମହିଳା ଜଣଙ୍କ ହେଲେ ରାସୋଲ ଥାନା କଲୋନୀ ସାହିର କୁନି ନାୟକ ବୋଲି ଜଣା ପଡିଛି । ସୂଚନା ମୁତାବକ ଢେଙ୍କାନାଳ ଜିଲ୍ଲା ରାସୋଲ ଥାନା କଲୋନୀ ସାହିର କାହ୍ନୁ ନାୟକ ବିଗତ ୮ ମାସ ପୂର୍ବେ ଅନୁଗୋଳ ଜିଲ୍ଲା ସଦର ଥାନା ଅଙ୍ଗାରବନ୍ଧ ଗ୍ରାମର ନରେଶ ସାହୁଙ୍କ ଝିଅ ସହ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ଠିକ୍ ଠାକ୍ ଚାଲିବା ପରେ ପରବର୍ତ୍ତୀ ସମୟରେ ଶାଶୁ- ବୋହୁ ମଧ୍ୟରେ ଝଗଡ଼ା ଝାଟି ଲାଗି ରହୁଥିଲା । କାହ୍ନୁ ଅନୁଗୋଳ କଲେଜ ନିକଟରେ ଫଳ ବେପାର କରି ପରିବାର ପ୍ରତିପୋଷଣ କରନ୍ତି । କାହ୍ନୁ ବୁଧବାର ରାତି ୧୦ ଘଟିକା ବେଳେ ମା କୁନିଙ୍କୁ ଖାଇବା ପାଇଁ ଡାକି ଯାଇଥିବା ବେଳେ ଘରର କବାଟ ବନ୍ଦ ରହିଥିଲା। କବାଟ ଖୋଲି ଦେଖିଲା ବେଳକୁ ମା ତଳେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଛନ୍ତି । ସଙ୍ଗେ ସଙ୍ଗେ ସଦର ପୁଲିସକୁ କାହ୍ନୁ ଖବର ଦେଇଥିଲେ। ପୁଲିସ ପହଁଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସକାଳେ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ଆସି ଅଧିକ ତଦନ୍ତ କରିବା ସହ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସର ପ୍ରାଥମିକ ତଦନ୍ତରୁ ଜଣା ପଡିଛି ଯେ, କୁନି ଙ୍କୁ ପଥର ରେ ଛେଚି ହତ୍ୟା କରାଯାଇଛି। ଏହି ଘଟଣାରେ ବୋହୂ ଏବଂ ସମୁଦୁଣିଙ୍କୁ ପୋଲିସ ଅଟକ ରଖିଛି।

# ଟିପିସିଓଡିଏଲର ମନମାନୀକୁ ନେଇ ବିରୋଧ

ଜଗତସିଂହପୁର, ୧୯/୧୨(ନି.ପ୍ର) ସମଗ୍ର ରାଜ୍ୟରେ ଟିପିସିଓଡିଏଲର ମନମାନୀକୁ ନେଇ ବିରୋଧଭାସ ସୃଷ୍ଟି ହୋଇଥିବା ବେଳେ ଆଜି ରଘୁନାଥପୁରରେ କମ୍ପାନୀର ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ସୁରକ୍ଷା ଜମା ମାଧ୍ୟମରେ କରୁଥିବା ଲୁଟ ବିରୋଧରେ ଆଡ଼ଭୋକେଟ ବାସୁଦେବ, ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମି ରଂଜନ ସ୍ୱାଇଁ ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା ପଥପ୍ରାନ୍ତ ସଭା ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଆଗାମୀ ଦିନରେ ହାତରେ ଠେଙ୍ଗା ଏବଂ ତ୍ରିରଙ୍ଗା ପତାକା ଧରି ଲୋକମାନେ ରାଜରାସ୍ତାକୁ ଓହ୍ଲାଇବ ପାଇଁ ଆହ୍ୱାନ ଦେଇଛନ୍ତି। ଏହି ପଥପ୍ରାନ୍ତ ସଭା ମାନଙ୍କରେ ଆଡଭୋକେଟ ବାସୁଦେବ କହିଥିଲେ ଯେ ଟାଟା କମ୍ପାନୀ ବିଦ୍ୟୁତ୍ ଉପଭୋକ୍ତା ମାନଙ୍କୁ ଶୋଷଣ କରିବା




ସହିତ ଆମ ପିଲା ମାନଙ୍କୁ କମ୍ ପଇସା ଦରମା ଦେଇ ଗୋଟି ଖଟାଉଛନ୍ତି। ଦେବି ପ୍ରସାଦ ମହାରଣା କହିଥିଲେ କି ଆମ ଓଡ଼ିଶାର ପାଣି ଆଉ ଖଣି ନେଇ ଟାଟା କମ୍ପାନୀ ଯେଉଁ ବିଦ୍ୟୁତ୍ ଉତ୍ପାଦନ କରୁଛି ସେଥିରୁ ଆମକୁ କିଛି ୟୁନିଟ ବିଜୁଳି ମାଗଣା ଦେବା ପରିବର୍ତ୍ତେ ଆମ ଠାରୁ ବିଜୁଳି ବାବଦରେ ପଇସା ଠକିନେବା ଅମାନବୀୟ କାର୍ଯ୍ୟ। ସରକାର ବି ଟାଟାର ଏହି ଘୃଣ୍ୟ କାର୍ଯ୍ୟରେ ସହଯୋଗ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ। ରଶ୍ମି ରଂଜନ ସ୍ୱାଇଁ କହିଲେ ଯେ ଟାଟା(ଟିପିସିଓଡିଏଲ୍) କମ୍ପାନୀକୁ ଓଡ଼ିଶାରୁ ବହିଷ୍କାର କରିବା ଉଚିତ୍। ବାସ୍ତବିକ୍ ଟାଟା କମ୍ପାନୀ ବେନିୟମ ଭାବେ ଅତିରିକ୍ତ ସୁରକ୍ଷା ଜମା ରାଶି, ଉପଭୋକ୍ତା ମାନଙ୍କ ଠାରୁ କାହିଁକି ଆଦାୟ କରିବ ? OERC ସହିତ ଚୁକ୍ତି ଅନୁଯାୟୀ ବର୍ଦ୍ଧିତ ବିଦ୍ୟୁ ଶୁଳ୍କ ସମୟରେ, ଉପଭୋକ୍ତାଙ୍କର ଏକ ବର୍ଷର ବିଦ୍ୟୁତ୍ ବ୍ୟବହାରକୁ ହିସାବ କରାଯିବ ଏବଂ ଉପଭୋକ୍ତାଙ୍କ ଦ୍ୱାରା ପୂର୍ବ ସୁରକ୍ଷା ଜମା ରାଶି ଠାରୁ ୧୦% ଅଧିକ ହେଲେ ଅତିରିକ୍ତ ସୁରକ୍ଷା ଜମା, କମ୍ପାନୀ ନେଇ ପାରିବ। କିନ୍ତୁ ଗତ ଚାରି ବର୍ଷ ଧରି ବିଦ୍ୟୁତ୍ ଦେୟ ବୃଦ୍ଧି ପାଇଁ ନଥିବା ବେଳେ ଟାଟା କମ୍ପାନୀ କାହିଁକି ଉପଭୋକ୍ତା ମାନଙ୍କ ଉପରେ ଆର୍ଥିକ ଚାପ ପ୍ରୟୋଗ କରୁଛନ୍ତି। ଟାଟା କମ୍ପାନୀ ଉପଭୋକ୍ତା ମାନଙ୍କୁ ଯେତିକି ସେବା ପ୍ରଦାନ କରିବା କଥା ତାହା ନକରି କେବଳ ପଇସା ପାଇବା ପାଇଁ ଷଡ଼ଯନ୍ତ୍ର କରିବା ଅତ୍ୟନ୍ତ ପରିତାପର ବିଷୟ। ତେଣୁ ଅତିରିକ୍ତ ସୁରକ୍ଷା ଜମା ସମ୍ପୂର୍ଣ୍ଣ ବନ୍ଦ୍ କରିବା, ସ୍ମାର୍ଟ ମିଟର ବସାଇବା ବନ୍ଦ୍ କରିବା ଏବଂ ଟିପିସିଓଡିଲ୍ ଦ୍ୱାରା କରାଯାଉଥିବା ବେଆଇନ ବିଦ୍ୟୁଳିକାଟ ବିରୋଧରେ ଜଗତସିଂହପୁର ଜିଲ୍ଲାବାସୀ ଏକଜୁଟ ହୋଇ ଆନ୍ଦୋଳନ ରେ ସାମିଲ ହେବା ପାଇଁ ପଥପ୍ରାନ୍ତ ସଭା ମାଧ୍ୟମରେ ରଘୁନାଥପୁର ବଜାର ରେ ଉପସ୍ଥିତ ଥିବା ସାଧାରଣ ଜନତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଟିପିସିଓଡିଏଲର ମନମାନୀକୁ ବିରୋଧ କରି ରଘୁନାଥପୁର ଅଂଚଳର ବହୁ ଜନସାଧାରଣ ଏକ ଜୋରଦାର ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାଯାଇଛି।

# ସାଇବର ଠକଙ୍କୁ ସିମ୍ କାର୍ଡ ବିକ୍ରି କରି ଦୁଇ ଗିରଫ

ଅନୁଗୁଳ, ୧୯।୧୨ (ନି.ପ୍ର) : ହଣ୍ଡପା ଥାନା ଅଞ୍ଚଳର ଦୁଇ ବ୍ୟକ୍ତି ସାଇବର ଠକ ଙ୍କୁ ଅଧିକ ଦାମରେ ସିମ ବିକି ଗିରଫ ହୋଇଥିବା ଜଣା ପଡ଼ିଛି।



ପୋଲିସ ସୂତ୍ର ରୁ ପ୍ରକାଶ ଯେ ହଣ୍ଡପା ପୋଲିସ କୁ ବିଶ୍ୱସ୍ତ ସୂତ୍ର ରୁ ଖବର ମିଳିଲା କି ବଇଣ୍ଡା ର ଜନୈକ ମୋବାଇଲ ଦୋକାନ ରଶ୍ମି ଇଲେକ୍ଟ୍ରୋନିକ୍ସ ରେ ଅଧିକ ଦାମରେ ସାଇବର ଠକ ମାନଙ୍କୁ ସୀମ ବିକ୍ରି କରାଯାଉଛି। ତେଣୁ ହଣ୍ଡପା ଥାନା ଆଇଆଇସି ସଦଳବଳ ଉକ୍ତ ଦୋକାନରେ ଚଢାଉ କରି ଏଭଳି ଅସାଧୁ କାରବାର କରାଯାଉଥିବା ନେଇ ପ୍ରମାଣ ପାଇଥିଲେ। ଦୋକାନ ମାଲିକ ସଞ୍ଜୟ କୁମାର ପ୍ରଧାନ(୩୮) ନୁନକାପଶି ଏବଂ ସହଯୋଗୀ ରୋହିତ ବେହେରା(୩୨), ଲୁହାମୁଣ୍ଡା ଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୧୪୮୨ ବିଭିନ୍ନ କମ୍ପାନୀ ର ସିମ ଏବଂ ନଗଦ ୫୭, ୫୦୦ ଟଙ୍କା ଜବତ କରା ଯାଇଥିଲା। ଚଢାଉ ଟିମ୍ ରେ ଇନ୍ସପେକ୍ଟର ଅୟସ୍କାନ୍ତ ଜେନା, ନମିତା ନାୟକ, ଏ ଏସ ଆଇ ତପନ କୁମାର ରାୟ, ହାବିଲଦାର ସନ୍ତୋଷ କୁମାର ସାହୁ ଓ ଅନ୍ୟମାନେ ସାମିଲ ଥିଲେ।

